ଶ୍ରୀ ଗୋପିନାଥ ବେହେରା

ନଂ ୧୨୯



# ହାର-ହାଉଜ

୦।୧୨୦

ବନ୍ଧୁ

ଶ୍ରୀ ହରଶ ଚନ୍ଦ୍ର ରାଉତରାୟ

ଶ୍ରଦ୍ଧାବରେଷୁ……

ଭାଇ ଠାରୁ ବଳି ଏ ଜଗତେ କେ ଅଛୁରେ ଅଛ ଆପଣାର ?
ଭାଇ ପରା ବିପଦର ବନ୍ଧୁ ପୋଛିବାକୁ ଆଖି ଲୁହ ଧାର ।
ଭାଇ ଯା'ର ନାହିଁ ଜଗତରେ କେହି ତା'ର ନାହିଁ ସାଥୀଜଣେ
ଭାଇ ହରା ପ୍ରାଣ ମରୁ ଠାରୁ ବଳି ଶୁଷ୍କ ଭାଇ ଏକା ମଣେ ।

—ଗୋପୀନାଥ—

ଓଡ଼ିଶାର ଜନପ୍ରିୟ ପତ୍ରିକା "ଡଗର" କୁହେ—

× × × ପୁସ୍ତକଟିର ଭାବ-ପ୍ରବଣତାର ମୁଦ୍ରାଙ୍କିତ ହୋଇଛି । ମାତ୍ର ତାହା ଭିତରେ ସରଳ ଗ୍ରାମ୍ୟ ଜୀବନର ସୁଖ ଦୁଃଖ ଖୁବ୍ ଅଳ୍ପରେ ଫୁଟିଛି ଅନେକ ।

ଯେତେବେଳେ ସହରର ଅନୁକରଣ ତଥା ବଳିଷ୍ଠ ପ୍ରଭାବ—ଯନ୍ତ୍ର ଯୁଗର ପ୍ରଥମ ବଳି ରୂପେ ଭାଇ ଭାଇ, ଘର ଘର, ବାପ ପୁଅ, ସ୍ୱାମୀ ସ୍ତ୍ରୀ, ପଡ଼ୋଶୀ ପଡ଼ୋଶୀ ମଝିରେ ବ ବଡ଼ ବଡ଼ ପାଚେରୀ ଗଢ଼ିଉଠୁଛି, ସେତେବେଳେ ଭାବ-ପ୍ରବଣତା ହେଲେହେଁ "ଭାଇ ଭାଉଜ" ପରି ଗଳ୍ପର ପ୍ରଭାବ ସମାଜ ଉପରେ ମଙ୍ଗଳ କାରକ ।

## — ଏକ —

ଭାତ ଗୁଣ୍ଡାଟା ପାଟିକୁ ନେଇ ନେଇ ସରବା କହିଲା, ନୂଆଈ ତମେ ଭାଇଙ୍କି ଭାତ ଦେଲଣି ?

କଲ୍ୟାଣୀ କିଛି ଜବାବ ନ ଦେଇ ନୀରବ ରହିଲା ।

— କାହିଁ-କିଛି ତ କହୁନାହଁ ? ମୁଁ କଣ ଅପରାଧ କରିଛି କି ? କାହିଁ ମନେ ତ ମୋର ପଡ଼ୁନି । ମୋ ରାଣି—ଥରେ କଥା କୁହ । କହିବ ନାହିଁ ? ସରବା ଉତ୍କଣ୍ଠ ନୟନରେ ଚାହିଁ ରହିଲା କଲ୍ୟାଣୀର ମୁହଁକୁ । ନୂଆଈ ଠାରୁ ଜବାବ କିଛି ପାଇବ । କିନ୍ତୁ ଜବାବ ପାଇଲା ନାହିଁ ସେ—ପାଇଲା ଅଭିମାନ ଭରା କର୍କଶ କେତେପଦ କଥା । ଯେଉଁ କଥାରେ ସରବାର ହୃଦୟଟା କଠିନ ହୋଇ ଉଠିଲା । ଭାତ ଗୁଣ୍ଡାଟା ହାତରୁ ତାର ଖସି ତଳେ ପଡ଼ିଗଲା । ଝର ଝର ହୋଇ ଝରି ପଡ଼ିଲା ସରବାର ଦୁଇ ଆଖିରୁ କେତେ ଟୋପା ଉଷ୍ଣ ଲୋତକ । ଭାତ କଂସା ପାଖରୁ ଉଠିଗଲା ସେ—କିନ୍ତୁ ଅନ୍ତରରେ

ତା'ର ଶତ ପ୍ରଶ୍ନ ଶତ ଜିଜ୍ଞାସାର ଅନଳ ଧୂ ଧୂ ହୋଇ ଜଳି ଉଠିଲା । ନୂଆ'ଈ, ଯେଉଁ ନୂଆଈ ପ୍ରାଣଠାରୁ ବଳି ଭଲପାଏ ତାକୁ, ଯାହାର ସ୍ନେହ ଶ୍ରଦ୍ଧା ସେ ଜୀବନସାରା ଭୁଲି ପାରିବ ନି, ରାଗ ଅଭିମାନରେ ନ ଖାଇଥିଲେ ହସ ହସ ମୁହଁରେ ହାତଧରି ଯେ ଖୁଆଉଥିଲା, ସେହି ନୂଆ'ଈର ଆଜି ଏ କି ପରିବର୍ତ୍ତନ ? କିଛି ସ୍ଥିର କରି ପାରିଲା ନାହିଁ ସେ । ସନ୍ଦେହରେ ଅନ୍ତର ତାର ଭାଙ୍ଗି ପଡ଼ିଲା ।

ତାମୁଣ୍ଡି କାନ୍ଥରେ ଲୁହବୋଳା ମୁହଁଟାକୁ ପୋଛି ପୋଛି ସରିବା ଅଗେଇ ଚାଲିଲା କେଉଁ ଏକ ଦୂର ଗାଁ ଆଡ଼କୁ । କେହି ତାକୁ ଅଟକାଇ ପାରିଲେ ନାହିଁ । ଅଟକାଇ ପାରିଥାନ୍ତା କେବଳ ଜଣେ । କିନ୍ତୁ ସେହି ଜଣଙ୍କ ଠାରୁ ସରିବା ଆଜି ଭର୍ତ୍ସନା ପାଇଛି । ରକ୍ତ ମାଂସ ଶରୀର, ସହ୍ୟ କରି ପାରିଲା ନାହିଁ ସେ । ଏମିତି କଟୂକ୍ତି କଥା କେମିତି ସେ ସହ୍ୟ କରି ରହିବ ? ଘରୁ ଗୋଡ଼ କାଢି ପଳାଇ ଆସିଲା । କ'ଣ ସେ କରି ପକାଇଲା ? ଅସରନ୍ତି ଭାବନା ଭିତରେ ଅଗେଇ ଚାଲିଛି—ବହୁଦୂର ଚାଲି ଆସିଲାଣି । ଥକ୍କା ଲାଗିଲାଣି ତାକୁ । ସତେ—ସତେ କ'ଣ ସିଏ ଗାଁ ଛାଡ଼ି କେଉଁଆଡ଼େ ପଳାଇ ଯିବ ! ଭାଇଭାଉଜଙ୍କ ମଧୁର ମମତାକୁ ମାଡ଼ି ମକଚି ଦେବ ? ଅନ୍ତରରେ ପ୍ରଶ୍ନ—ଖାଲି ପ୍ରଶ୍ନ ।

ଟାଣୁଆ ଖରା ଖାଇ ଫୁଟୁଛି, ଦେହ ତାତି ଯାଉଛି । ସେଥିକି ଖାତିର ନାହିଁ ସରିବାର । ରାଗ ଆଉ ଅଭିମାନରେ କ୍ଷୋଭ, ରୋଷ ଭୁଲି ଅଗେଇ ଚାଲିଛି ସେ । ବେଳେ ବେଳେ ଜୀବନର ପ୍ରଶ୍ନବାଚକ ଗୁଡ଼ାକ ଚଳନ୍ତି ପଥ ତା'ର ଅଟକାଇ ଦେଉଛନ୍ତି ।

ଭାଇର ଗୋଟେ ସୁନାମୁଣ୍ଡା । ମୁହଁ ଫୁଟି କାହାକୁ କିଛି କହେ ନାହିଁ । ଭଣ୍ଡାଳଟା ସେଦିନ ସିନା କଥା କଥାକେ ଭାଇ

ସାଙ୍ଗରେ କମର ଭିଡ଼ିଦେଲା—ଓଃ କ'ଣ ନ କଲା ସେ । ସେଇ କଥା ଛଳନାରେ ନୂଆ'ଭଉ ଆଜି ଏପରି ବ୍ୟବହାର ତା' ସାଙ୍ଗରେ କରୁଛି । ସରବାର ସେଦିନ କଥାଟା ମନେ ପଡ଼ିଲା । ଦେହ ତାର ଶୀତେଇ ଉଠିଲା । କଣ ସେ ଏଣୁ ତେଣୁ କଥା ପଦେ ନୂଆ'ଭଉଙ୍କୁ କହିଦେଇ ଥିଲା ବୋଲି, ଭାଇଙ୍କର ସନ୍ଦେହ ବୋଳା ହୃଦୟଟା ରାଗରେ ଜର୍ଜର ହୋଇ ଉଠିଲା ଖାମ୍ ଖିଆଲି କଥାଟାରେ । ନୂଆ'ଭଉ ଭାଇଠାରୁ ଭର୍ତ୍ସନା ପାଇ ଧନସାର କାନ୍ଦି ବସିଲେ । ସରବାକୁ ଏସବୁ ଭଲ ଦେଖା ଗଲାନାହିଁ । ହୃଦୟଟା ତା'ର ପାଷାଣ ପରି ହୋଇଗଲା । ଭାଇକୁ ଆଜି ସେ ଭାଇ ରୂପରେ ଦେଖି ପାରିଲା ନାହିଁ । ଭାଇ ଛାତିରେ ଛାତିକୁ ତା'ର ଭିଡ଼ି ଦେଲା । ଲୋକେ ଛି' ଛାକର କରି ଝଗଡ଼ାଟା ଭାଙ୍ଗିଦେଲେ । ମନ କଥା ମନରେ ରହିଲା ।

ସେଇଦିନ ଠାରୁ ସରବା ନୂଆ'ଭଉର ସ୍ନେହବୋଳା ଚକ୍ଷୁରେ ବିଷ ପରି ଦେଖାଗଲା । ରାଗ ଅଭିମାନରେ ସେ ତା'ର ପ୍ରତିଦାନ ସ୍ୱରୂପ ନୂଆ'ଭଉ ଠାରୁ ପାଇଲା ତାଡ଼ନା ଆଉ ଭର୍ତ୍ସନା । ଭାଉ କଂସା ପାଖରୁ ଆଜି ସେ ଉଠି ଆସିଛି, ଠିକ୍ କରିଛି । ରହନ୍ତୁ ଏ ଭାଇ-ଭାଉଜ, ଥାଉ ଏ ଘର ଗ୍ରାମ—ସଂପତ୍ତି ବାଡ଼ି । ଆଉ ମୁହଁ ଦେଖାଇବ ନାହିଁ ଏମାନଙ୍କୁ । ଅଟେଇ ଚାଲିଛି ସରବା । କେଉଁଆଡ଼େ ଯିବ ? କ'ଣ କରିବ ? କିଛି ସେ ସ୍ଥିର କରି ପାରୁନି ।

ଖରା ମଳିନ ପଡ଼ିଲାଣି । ଭୋକରେ ସରବାର ପେଟଟା ଜାଲି ଜାଲି ହେଉଛି । ଆଖିରୁ ତା'ର ତତଲା ଲୁହ ନିଗିଡ଼ି ପଡ଼ୁଛି । ଥକ୍କା ଲାଗିଲାଣି ତା'କୁ । ଆଉ ବାଟ ଚାଲି ପାରୁନାହିଁ । ଆଗରେ ଗୋଟାଏ

ଗଛ । ସେହି ଗଛମୂଳେ ସରବା ଯାଇ ବସିପଡ଼ିଲା । ଶୋଷରେ ତଣ୍ଟି ତା'ର ଶୁଖି ଯାଉଥାଏ । ଗୁରି ଆଡ଼କୁ ଗୁହିଁଲା । କେଉଁଠି ଟିକେ ପାଣି ଟୋପାଏ ଯଦି ପାଆନ୍ତା—ଦି' ଢୋକ ପିଇ ଦିଅନ୍ତା । ମାତ୍ର କେଉଁଠି ହେଲେ ଟୋପାଏ ପାଣି ପିଇବାକୁ ପାଇଲା ନାହିଁ । ତା'ର ପାଖ ଦେଇ ଗୋଟାଏ ଶଗଡ଼ିଆ ଶଗଡ଼ ଛୁଟାଇ ମନ ମତାଣିଆ ଗୀତ ଗାଇ ଗାଇ ଗୁଲିଛି—ଆଗ ପଛ ହୋଇ ବାଟୋଇ ଗୁଲିଛନ୍ତି – ଭାଙ୍ଗା ଅଶାର ସଙ୍କେତ ଦେଇ । ସମସ୍ତଙ୍କ ପ୍ରାଣରେ ଆନନ୍ଦ ।

ଏମାନଙ୍କୁ ମୁହଁ ଟେକି ଥରେ ଥରେ ଅନାଉଛି ସରବା । ସରବା ସହିତ ଏମାନଙ୍କର କି ସମ୍ବନ୍ଧ ? ତା'ପ୍ରତି କାହାର ଟିକେ ହେଲେ ଲକ୍ଷ୍ୟ ନାହିଁ ।

ବୁଲାଅଟା ତ ଏହିପରି । ସମସ୍ତେ ଆପଣା ଆପଣା ପାଇଁ ବ୍ୟସ୍ତ । କାହାକଥା କିଏ ବୁଝୁଛି ?

ନାଁ ଆଉ ଡେରି କଲେ ଚଳିବ ନାହିଁ । ଉଠି ପଡ଼ିଲା । ପୁଣି ଆଗେଇ ଗୁଲିଲା । ଅନେକ ବାଟ ଗୁଲି ଆସିଲାଣି । କୁଆଡ଼େ ଯିବ ? କଣ କରିବ ? ଅନିର୍ଦ୍ଦିଷ୍ଟ ତା'ର ପଥ - ଅନିର୍ଦ୍ଦିଷ୍ଟ ତା'ର ଭାବନା । ଅନ୍ଧାର ମାଡ଼ିଆସୁଛି—ଆଉ ବେଶୀ ଦୂର ଯାଇ ହେବନି । ସରବା ଆଗକୁ ଗୁହିଁଲା, ଗୋଟାଏ ଗାଁ ଦିଶୁଛି – କେଉଁ ଗାଁ ହେବ କିଜାଣି ? ସେହି ଗାଁ ଆଡ଼କୁ ଗୁଲିଲା । ଖୁବ୍ ଜୋର୍‌ରେ ଗୁଲିଲା । ରାସ୍ତାରେ ଯାଉଁ ଯାଉଁ ଜଣେ ବାଟୋଇକୁ ପଗ୍ଭରିଲା, କହି ପାରିବକି ଭାଇ, ଆଗରେ ଏ କେଉଁ ଗ୍ରାମ ?

ବାଟୋଇଟି ସରବାର ମୁହଁ ଆଡ଼କୁ ଥରେ ଅନାଇ ଦେଇ କହିଲା, ଧାନମଣ୍ଡଳ ।

ସରବା ଧାନମଣ୍ଡଳ ଷ୍ଟେସନ କଥା ଶୁଣିଛି । କେବେ ସେ

ଧାନମଣ୍ଡଳ ଅସି ନାହିଁ । ଯେଉଁ ଧାନମଣ୍ଡଳ ଷ୍ଟେସନରୁ ଲୋକେ କଲିକତାକୁ ଗାଡ଼ି ଚଢ଼ନ୍ତି, ସେହି ଧାନମଣ୍ଡଳ ଷ୍ଟେସନରୁ ସେ ଆଜି ଗାଡ଼ି ଚଢ଼ିବ—କଲିକତା ଯିବ ।

ଆଗେଇ ଚାଲିଛି ସରବା । କାହିଁ କେତେ ଦୂରେ ଗାଁ ତା'ର ଛାଡ଼ି ଆସିଲାଣି—ଆଖି ପାଉନ କୁସୁପୁରକୁ । ସେ ଆଜି କୁସୁପୁର ଗାଁ ଛାଡ଼ି କଲିକତା ଯିବ । ଏହାହିଁ ତା'ର ଶେଷ ଉପାୟ । ଅସରନ୍ତି ଭାବନା ଭିତରେ ସରବା ଧାନମଣ୍ଡଳ ଷ୍ଟେସନରେ ପହଁଞ୍ଚିଲା ।

ଆଖି ସାମନାରେ ତାର ଗୋଟାଏ ମାଲବୁହା ରେଲଗାଡ଼ି ହ୍ୱିସ ରଡ଼ି ଦେଇ ଛୁଟି ଚାଲି ଗଲା କଟକ ଷ୍ଟେସନ ଆଡ଼େ । ସେଇଟାକୁ ଅପଲକ ନୟନରେ ଚାହିଁ ରହିଲା ସରବା ।

କିଏ ସରବା କିରେ ?

ସରବା ଚମକି ପଡ଼ି ଅନାଇଁ ଦେଲା, ପଛରେ ତାର ଛିଡ଼ା ହୋଇଛି କଣା ସାମଲ ।

ସରବା କହିଲା, କଣା ଦାଦା ତମେ କୁଆଡ଼େ ଯିବ ?

—ମୁଁ ପରା କଲିକତା ଯାଉଛି । ଆଉ ତୁ ?

—ମୁଁ କୁଆଡ଼େ ଯିବ ଠିକ୍ କରି ନା ।

—ତୁ' ପାଗଲାଟା । ଘରକର ସମସ୍ତଙ୍କର କଳି ଝଗଡ଼ା ଲାଗୁଛି । ମାନ ଅପମାନ ମେଣ୍ଟୁଛି ନା ବଢ଼ୁଛି ? ଭାଇ ଭାଉଜ ଯେତେ ହେଲେ ପର ସେମାନେ । ସହି ସମାଲି, ନିଜର ମାନ ମର୍ଯ୍ୟାଦା ରକ୍ଷି ଚଳିବା ସିନା ଭଲ । କଣ କଲୁ କହନି ? ଲୋକେ କଣ କହିବେ ?

ସରବା ଚୁପ୍ ମାରି ଶୁଣିଗଲା ସବୁ । ଜିଭ ତାର ନେଉଥିଲା ନାହିଁ, କଣ ସେ ଜବାବ ଦେବ ? କେବଳ ଏତିକି କହିଲା, କଣା ଦାଦା, ଯାହାତ ହେବାର ହେଲାଣି—ମୁଁ ଗାଁକୁ ଫେରିଯିବି ନା ?

—ଅଜ ଭେଙ୍ଗ୍ ଅଚ୍ଛେ ଯିବୁ ?

—ତମ ସାଙ୍ଗରେ କଲିକତା ଯିବ ।

କଣା ସାମଲ ଟିକେ ହସି ଦେଇ କହିଲା—ସରବା, ତୁ, କଲିକତାକୁ ତୁ କାହିଁକି ଯିବୁ ? ଆନୁ କଣ ଖାଇବ ? କହନା ।

—ଯାହା ଖାଇବୁ ସେ ମୁଁ କଲିକତା ତମ ସାଙ୍ଗରେ ଯିବି ।

କଣା ସାମଲ ଅନେକ ବୁଝାଇଲା କିନ୍ତୁ ସରବା ଜିଦ୍ କରି ବସିଲା, ସେ ଆଉ ଭାଇ ଭାଉଜଙ୍କୁ ମୁହଁ ଦେଖାଇବ ନାହିଁ ।

କଣାସାମଲ ସବୁ ବୁଝେ, ସବୁ ଜାଣେ । ଗାଁର ଗୋଟାଏ ପୁଅ, ଭାଇ, ଭଲ ମନ୍ଦରେ ଘର ଛାଡ଼ି ପଳାଇ ଆସିଛି, ତାକୁ ପାଞ୍ଚକଥା ବୁଝାଇ କହିବା । ବୁଝିଲେ ଫେରିଯିବ, ନବୁଝିଲେ ନାହିଁ । ସରବା କିନ୍ତୁ ବୁଝିଲା ନାହିଁ ସେ କଥାକୁ । ଗୋଟାଏ ଜିଦ୍ କଲିକତାକୁ ଯିବ ।

—ତା ହେଲେ ତୁ କଣ କଲିକତାକୁ ଯିବୁ ସରବା ?

—ହଁ ।

—ଟଙ୍କା ଅଣିଛୁ ହାତରେ ?

—ନାଁ ଦାଦା, ହାତରେ ଗୋଟାଏ ପଇସା ନାହିଁ । କାହିଁକି ବା ତାଘରୁ ଟଙ୍କା ଅଣନ୍ତି ? ଶେଷରେ ବଦନାମ ଦେଇ କହିଥାନ୍ତା— ସରବା ଟଙ୍କା ଭାଙ୍ଗି ନେଇ ପଳାଇଗଲା । ତମେ ଗାଡ଼ି ଖର୍ଚ୍ଚଟା ଚଳାଇ ଦିଅ । ତମରି ପାଖରେ ଚାକିରି କରି ସୁଝି ଦେବି ।

କଣା ସାମଲ ହସିଲା, କହିଲା । ହୁର୍ ପାଗଳାଟା ।

ସଞ୍ଜ ନାଗରା ବାଜିଗଲାଣି । ଷ୍ଟେସନର ବତୀ ଜଳିଲାଣି । କଣା ସାମଲ ଗଣ୍ଠିଲିଟା ହାତରେ ଧରି ଆଗେଇ ଚାଲିଲା ମୁସାଫିର ଖାନା ଆଡ଼େ । ସରବା ତା ପଛେ ପଛେ ଚାଲିଲା ।

## —ଦୁଇ—

କୁଶୁପୁର ଗାଁଟି । ବଡ଼ ଗାଁ । ।

ଉତ୍ତର ପଶ୍ଚିମରେ ବାଲୁପା ନଈ ବହି ଯାଇଛି । ଅଦୂରରେ ବଅଁଡିଅ, ନଳାଉଗିର ପର୍ବତ ଶ୍ରେଣୀ । ସବୁ ଜାତିର ଲୋକ ସେଠି ବାସ କରନ୍ତି । ଅଧିକାଂଶ ଚାଷୀ – ଚାଷ ଉପରେ ବର୍ଷକ ବାରମାସ ନିର୍ଭର କରନ୍ତି ସେମାନେ । ଧାନ, ମୁଗ, ବିରି, ଶୋରିଷ ନାନା ପ୍ରକାର ଫସଲ୍ ମାଟି ଫାଡ଼ି ଅମଦାନି କରନ୍ତି । ଅପଣାର ଗୁଜୁରାଣ ଚଳିଯାଏ—ବଳକା ହେଲେ କେହି ବା ବିକ୍ରୀ କରେ । ଅଭାବ ଅନାଟନ କେବେ ସେ ଗାଁକୁ ପଶନାହିଁ ।

ସେହି ଗାଁଟିରେ ଦନୁ ରାଉତର ଘର । ଜମି ଭଲମାଣେ ଅଛି । ଜମିରୁ ଯାହା ଗଣ୍ଡେ ଫସଲ୍ ଫଳେ ସେଥିରେ ଦୁଃଖେ ସୁଖେ ଦନର ମୁଣ୍ଡ ଭାର ପାଇଯାଏ । ରାଉତଘର ବୁନିଆଦ ଘର । ବାପାଗୋସାଇଁଆର

ଭେକ ରଖିବା ପାଇଁ ଦନୁ ଘରଟିକୁ ସୁରୁଖୁରୁରେ ଚଳାଇ ଥାଏ । ଦୁଇଟି ଭାଇ–ଦନୁ ବଡ଼ ସରବା ଛୋଟ । ଦନୁକୁ ବାଇଶ ବର୍ଷ । ସରବାକୁ ଷୋହଳ । ଦନୁକୁ ଯେତେବେଳେ ଚାରି ବରଷ ସେତେବେଳେ ବାପ ତାର ମରିଛି ।

## ଏମିତ ଦିନ ପୁଣି ଆସେ.........

ମଣିଷର ସବୁ ପଣ ସବୁ ଚାହିଦା ଓଲଟି ପଡ଼େ । ନିୟତିର ଡାକରା । ଦନୁ ଜୀବନରେ ଆସିଥିଲା ଗୋଟାଏ ତୁମୁଳ ଝଡ଼ର ହାବକା, ଯାହା ସେ ଏଡ଼ି ପାରି ନ ଥିଲା । ବାହାଘରଟା ତାର କେଉଁ ଦିନରୁ ଚାଲି ଗଲାଣି— ବାହାଘରର ଖର୍ଚ୍ଚ ପାଇଁ ନିଅଣ୍ଟ ପଡିଥିଲା ଟଙ୍କା କେତେଟା । କଣ କରିବ ? ଟିପ ତମସୁକ କରି ଟଙ୍କା ଶହେ ଅଣିଥିଲା ମହାଜନ ଘରୁ । ମହାଜନର ତାଗିଦା ଉପରେ ତାଗିଦା । ଗତର ଖଟେଇ ବରଷକ ସେ ଜମିରୁ ସୁନାର ଧାନ ଫଳାଇ ଥିଲା - ସବୁ ବଳିଲା ପରକୁ । ଟିପ ତମସୁକ ଅସୁଲ ଦେଲା ଦନୁ । ମହାଜନ ଘରୁ ତମସୁକ ଖଣ୍ଡି ଫେରାଇ ଆଣିଲା ସେ । ଖମାରକୁ ଚାହିଁଲା ବେଳକୁ ଦନୁର ହାଲକ ଶୁଖିଗଲା । ତା'ର ଧାନ କାହିଁ ? ଚାରୋଟି ପେଟ । ବରଷକର ଦାନା ! । ମୁଣ୍ଡ ତାର ବୁଲିଗଲା । ଆଉ ଘରେ ରହିବାକୁ ମନ ହେଲା ନାହିଁ । ବିଦେଶ କରି ଯିବ । କୁଟୁମ୍ବ ବଂଚାଇବ । କୁଟୁମ୍ବ ବଂଚାଇବା ପାଇଁ ଦନୁ ବିଦେଶ ବାହାରିଲା—କାହିଁ କେତେ ଦୂର କାଳିମାଟି, କାଳିମାଟି ଲୁହା କାରଖାନା ଭିତରେ ଜୀବନର ଜୀଅନ୍ତା ସ୍ୱପ୍ନ ଦେଖିବାକୁ । ଗଲାବେଳେ ଦନୁ ଆଖିରୁ ଲୁହ ଗଡ଼ାଇ କଲ୍ୟାଣୀକୁ ପାଖକୁ ଡାକି କହି ଯାଇଥିଲା, କଲ୍ୟାଣୀ, ମାଆ କଥା ମାନି ଚଳିବୁ । ଦିନ କେଇଟା ଗଡ଼ି ପଡ଼ିଲେ ମୁଁ ଫେରି ଆସିବି ଯେ ।

ମରିବାକୁ ଅକଟ କରି କହିଯାଇଥିଲି କେତେ କଥା ।

କଲ୍ୟାଣୀ ଲୁହ ଛଳ ଛଳ ଆଖିରେ ଧନୁକୁ ବିଦାୟ ଦେଇଥିଲା । ଧନୁର ବେଦନା ଭରି ପ୍ରାଣରେ ଆଘାତ । ମାଆ ଠାରୁ ବିଦାୟ ନେଇ ଏକମୁହାଁ ହୋଇ ଘରୁ ସେ ପଳାଇ ଗଲା । ମାସ ଗୋଟାକରେ ଧନୁ କାଳମାଟିରେ କାମ ଖଣ୍ଡେ ପାଇ ଚିଠି ଆଉ ଟଙ୍କା କେତୋଟି ଘରକୁ ପଠାଇଲା । ଚିଠି ଟଙ୍କା ପାଇ ବୁଢ଼ୀ ମାଆ ତା'ର କୋଟି ଆଦର କରି ପୁଅକୁ କଲ୍ୟାଣ କଲା । ଏମିତି ଦିନ ପରେ ଦିନ ମାସ ପରେ ମାସ ବିତି ଚାଲିଲା ।

ଧନୁ ମାସରେ ଦି' ଚାରିଖଣ୍ଡ ଚିଠି ଘରକୁ ପଠାଏ— କଲ୍ୟାଣୀ କଥା ଲେଖେ, ସବୁ କଥା ଲେଖେ । ଘରୁ ବି ଚିଠି ପାଏ ।

ସେଥର କୁଶପୁରରେ ଲାଗିଲା ଭାରି ବଇଆର ଗୋଳ । କେଜାଣି କେତେ ଲୋକ ପୋକ ମାଛି ପରି ମଲେ—ତା'ର ହିସାବ ରହିଲା ନାହିଁ । ଧନୁ ପାଖକୁ ଚିଠି ଆସିଲା ଗାଁରେ ଭାରି ବଇଆର ଗୋଳ ଲାଗିଛି । ଧନୁ ଚିଠି ପଢ଼ିଲା । ଘୁରି ଭିତରଟା ତାର କେମିତିକା ହୋଇଗଲା । ମନଟା ତା'ର ଛୁଇଁଲା—କାଳେ......।

ଠିକ୍ ଚାରିଦିନ ପରେ ଧନୁ ଚିଠି ପାଇଲା । ମାଆଟି ତା'ର ବଇଆରରେ ପଡ଼ିଛି । ଧନୁ ଚିଠି ପଢ଼ି କାନ୍ଦି ପକାଇଲା । ମୁଣ୍ଡ ତାର ଘୂରିଗଲା । ସତେ ଭଗବାନ ତାକୁ ଏମିତି ବିପଦରେ ପକାଇଲେ । କଣ କରିବ । ଚାକିରି ଖଣ୍ଡିକ ମୋହ ନା ମାଆ ପ୍ରତି ମୋହ ? ଦୁଇଟା ସମସ୍ୟା ଆଗରେ ତା'ର ଛିଡ଼ା ହେଲା ଆସି । କିଛିକ୍ଷଣ ଭାବିଲା ଧନୁ ... । କିରିଜ ଟଙ୍କାତ ଖୁଣ୍ଟି ଦେଉଛି—ଯାହା

ହାତରେ ଦି'ପଇସା ଅଛୁ ସେଇ ତାର ଯଥେଷ୍ଟ । ଲୋଡ଼ା ନାହିଁ ଧନ ପଇସା । ସେହି ଧନ ଧନୁ ଗୃହସ୍ଥର ମୋହ ତୁଟାଇ ଗାଡ଼ ଭିଡ଼ିଲା । ମାଆକୁ ତା'ର ଦେଖିବ ।

ତହିଁ ଆରଦିନ ଗାଧୁଆବେଳେ ଧନୁ ଘରେ ପହଞ୍ଚିଲା । ଧନୁକୁ ଦେଖି କଲ୍ୟାଣୀ ଆଖିରୁ ଲୁହ ଗଡ଼ିପଡ଼ିଲା । ସରବା ମାଆର ସ୍ନେହ ଶ୍ରଦ୍ଧା କଥା ମନେ ପକାଇ କାନ୍ଦି ଉଠିଲା । ଧନୁ ବୁଝିଲା ମାଆ ତାର ଏ ପୁରରେ ଆଉ ନାହିଁ । ଭୋ କରି କାନ୍ଦି ଉଠିଲା । ଲୋକେ ବୁଝାଇ ସୁଝାଇ ତୁନି କଲେ ତାକୁ ।

× × ×

ଧନୁର ମାଆ ମରିଯିବା ଦୁଇମାସ ହୋଇଗଲା । ଆଉ ସେ କାଳମାଟି ଗଲା ନାହିଁ । ବିଦେଶ ତାକୁ ଆଉ ଭଲ ଲାଗୁନାହିଁ । ଯାହା ସେ ବିଦେଶ କରନ୍ତା—ଯଦି ଘର ଚଳାଇବା ପାଇଁ ମାଆ ଆଜି ଥା'ନ୍ତା । ଘର କିମିତି ଆଉ ଚଳିବ ? ସରବା ଚଗଲଟା— କଲ୍ୟାଣୀ ତ କଲ୍ୟାଣୀ । ଏପରି ଅବସ୍ଥାରେ ସେ ବା କିପରି ବିଦେଶ କରିଯିବ ? ଯୁବତୀ ସ୍ତ୍ରୀକୁ କିମିତି ଘରେ ଏକା ଏକା ପିଲା ଝିଅଟା ପାଖରେ ଛାଡ଼ି ଯିବ ? ବାରଲୋକ ବାର କଥା କହିଲେ, ଧନୁ ଜାଣୁ ଜାଣୁ ଭଲ ଗୃହସ୍ଥଟା ଛାଡ଼ି ଦେଲୁ ? ଧନୁ ସବୁ ଶୁଣେ—ସବୁ ବୁଝେ । କାହାରିକି କିଛି କୁହେ ନା । ଆପଣା ଧନ୍ଦାରେ ଲାଗେ । ସେ ବୁଝିଛି ପେଟ ଚଣ୍ଡୀକି ପୂରିଲେ ହେଲା— ଅଧିକା ଲୋଡ଼ା ନାହିଁ ତାର । ଏଣୁ ମନ ପ୍ରାଣ ଦେଇ ଚାଷରେ ଲାଗିପଡ଼େ । ଧନୁ ଯାଏ ହଳକୁ—ସରବା ଓପାଡ଼େ ଘାସ । ଦି'

ଭାଇ ଏକଲୁ ଅରେକ । ହେଲେ କ'ଣ ହେବ—ସରବା ଚଗଲଟା ।
ଯେତେହେଲେ ଭାଇ ତ । ଧନୁ କିଛି ବୁଝେ ନାହିଁ ତାକୁ । କ'ଣ
ବା କହିବ ? ଧନୁ ସେ ଧନ ଗାଁ ଦାଣ୍ଡଅଡ଼େ ବୁଲି ଯାଇଛି ।
କଲ୍ୟାଣୀ ଘର ଭିତରେ କ'ଣ କାମ କରୁଥାଏ—ସେଇ ଘରେ
ଥାଏ ସରବା । ମନରେ ତାର ଅନନ୍ଦର ଢେଉ ଖେଳୁଛି । ହସ
ହସ ମୁହଁରେ ସରବା କଲ୍ୟାଣୀକୁ କହିଲା, ନୂଆ'ଜ, ଭାଇ ଯଦ
କାଲମାଟି ଯାଆନ୍ତି ? ତମର ଖବର ଅନ୍ତର ମୁଁ କ'ଣ ବୁଝି ପାରିବ
ନାହିଁ ? ମୋର କ'ଣ ସେ'କ୍ଷମତା ଅସିନାହିଁ ? ସତ କହ କୁହନ
ନୂଆ'ଜ, ତମେ ମୋତେ ଭଲ ପାଅ ?

କଲ୍ୟାଣୀ ମୁରୁକିହସା ଦେଇ ଦିଅରର ଚିତ୍ତ ସନ୍ତୋଷ ପାଇଁ
ନୀରବ ରହିଲା । କିଏ ଜାଣିଥିଲା ଏଇ ଚିତ୍ତ ସନ୍ତୋଷ ଭିତରେ
ଏମିତ ଗୋଟାଏ ଖେଳ ଲାଗିଯିବ ବୋଲି ? ଧନୁ ଘର ଭିତରକୁ
ପଶି ଅସିଲା—ଅଖିରେ ତା'ର ଅଗ୍ନିର ସ୍ଫୁଲିଙ୍ଗ କଣା । ସବୁ ସେ
ଶୁଣିଛି—ବାହାରେ ଥାଇ—ସରବାର ସବୁ କଥା ଶୁଣିଛି ।
କେତେ ଅଜ୍ଞ କେତେ ପ୍ରଶ୍ନ ଅସି ଅଗରେ ତା'ର ବିରାଟ ବନ୍ଧ
ତୋଳ ଛିଡ଼ା ହେଲା । ସନ୍ଦେହରେ ହୃଦୟଟା ତାର ବରଫ
ପରି ତରଳି ଗଲା । ମନଟା ତା'ର ବୁଝିଲା ନାହିଁ । ସନ୍ଦେହ, ଘୋର
ସନ୍ଦେହ । ଭାଇ ନା ସ୍ତ୍ରୀ ? ଅଉ ବିଶ୍ୱାସ ନାହିଁ । ଗର୍ଜି ଉଠିଲା
ଧନୁର ଅନ୍ତର ।

ଚମକି ପଡ଼ିଲା କଲ୍ୟାଣୀ—ସ୍ୱାମୀର ଏକ ପରିବର୍ତ୍ତିନ ଅଜ ।
କ'ଣ ସେ ଜବାବ ଦେବ ? ଦିଅରଟା ତ କହି ପକାଇଲା—
ଥଟ୍ଟାତାମସାରେ କଥା କେଇପଦ । ମନ ତାର ରଖିବାକୁ ଯାଇ—

କଲ୍ୟାଣୀ ପଡ଼ିଗଲା ସ୍ୱାମୀର ସଂଦେହ ରଜ୍ଜୁରେ । କଲ୍ୟାଣୀ ଥରକୁ ଗଳାରେ ସ୍ୱାମୀକୁ ତାର କହୁଲା, ମନଟା ଏମିତ ବିରସ କରିଛ ? କିଣି ତମର ହୋଇଛି କି ?

ଧନୁ ନୀରବ ।

ଅନ୍ତର ତାର ଜଳି ପୋଡ଼ି ଯାଉଛି - ସେ କଥା କଲ୍ୟାଣୀ ବେଶ୍ ଅନୁଭବ କରି ପାରୁଛି । ଧନୁର ପ୍ରାଣଟା ଅସ୍ଥିର ହୋଇ ପଡ଼ିଲା । ଆଉ ସରବାକୁ ବିଶ୍ୱାସ କରି ପାରିଲା ନାହିଁ ।

ସେଦିନ ସଂଜରେ ଧନୁ କଲ୍ୟାଣୀକୁ ପାଖକୁ ଡାକି ଏ ସବୁ କଥା ପଗୃରିଲା । କଲ୍ୟାଣୀ ଭାଠ ପିଚୁଲା ପରି ଅଗରେ ତା'ର ଛୁଡ଼ା ହୋଇଥାଏ ।

ଏତକି କେବଳ କଲ୍ୟାଣୀର ପାଟିରୁ ବାହାରି ପଡ଼ିଲା— ତୁମେ ଯଦି ଝିଙ୍କ କଥାରେ ଏମିତ ଅବିଶ୍ୱାସ କରିବ ତା ହେଲେ ଜୀବନ ହରାଇ ଦେବି ।

ଜୀବନ ହରାଇ ଦେବ ? ଜୀବନ ହରାଇ ଦେବ ନୁଆଁଇ ? ଭଙ୍ଗା ପଡ଼ିଗଲା ସରବାର ଆଖି ବୁଲିଟା । ଧନୁ ସାଙ୍ଗରେ ଭମର ଭିଡ଼ ଦେଲା ସେଦିନ । ଲୋକେ ଆସି କଳି ଝଗଡ଼ା ମେଣ୍ଟାଇ ଦେଇ ଗଲେ । କଲ୍ୟାଣୀର ଏ ସବୁ ଅସହ୍ୟ ମନେ ହେଲା । ସରବାକୁ ସେଇ ଦିନଠୁ ଆଉ କଥା କହୁଲା ନାହିଁ ।

× × ×

ଘାଉ କଂସା ପାଖରୁ ଉଠି, ସରବା କେଉଁଆଡ଼େ ପଳାଇ ଯାଇଛି । ସକାଳ ଯାଇ ସଞ୍ଜ ହେଲା, ରାତ ପାହୁ ଦିନ ହେଲା—

ତଥାପି ଘରକୁ ଫେରିଲା, ନାହିଁ । ଦିନୁ ଭାବୁଥିଲା ଚଗଲାଟା କେଉଁ ଆଡ଼େ ଚାଲି ଯାଇଛି —ଯାଇ ଥାଉ ସେ ଆପେ ଆପେ ଫେ ଆସିବ । ଫେରିଲା ନାହିଁ ସରବା । ଦିନୁ ମନଟା କେମିତିକ ହୋଇଗଲା ।

କଲ୍ୟାଣୀ ସାଇ ଅଗଣାରେ ବସିଛି ।

ଦିନୁ ମୁହଁ ଶୁଖାଇ କହିଲା, କଲ୍ୟାଣୀ ସତେ କ'ଣ ସରବା ରାଗ ତମରେ ଘର ଛାଡ଼ି କେଉଁଆଡ଼େ ପଳାଇଲା ?

କଲ୍ୟାଣୀ ନୀରବ । କ'ଣ ସେ ଉତ୍ତର ଦେବ ? ଦିଅରଟା ହସ ଖୁସିରେ ଥଟ୍ଟା ତାମସାରେ କ'ଣ ପଦେ କହିଦେଲା ବୋଲି—ସ୍ୱାମୀ ତାକୁ ସନ୍ଦେହ ଚକ୍ଷୁରେ ଦେଖିଲେ । ପାପ କଥାଟା । ଆପଣାର ହୋଇ ଏପରି କହୁଛେ—ପର କ'ଣ ନ କହି ପାରନ୍ତି ? କଲ୍ୟାଣୀ ଆଖିରୁ ଝରି ପଡ଼ିଲା ଠପ୍ ଠପ୍ ଲୁହ ।

ଦିନୁ ବୁଝି ପାରିଲା—କଲ୍ୟାଣୀକୁ ବଡ଼ ବାଧୁଛି । ରାଗ ତମରେ ସିନା ତୁଚ୍ଛ କଥାଟାକୁ ବଢ଼ାଇ ଏତେ ଦୂର କଲା ? କଲ୍ୟାଣୀକୁ ପାଖକୁ ଆଉଜାଇ ଆଣି ଦିନୁ କଅଁଳ ଗଳାରେ କହିଲା— ଛିଃ କଲ୍ୟାଣୀ, କାନ୍ଦୁଛୁ ?

କଲ୍ୟାଣୀର ମନ ବୁଝିଲା ନାହିଁ । ମନ ବୁଝିବ ଆଉ କେମିତି ? କାବା କଥାଟା, ଦିଅରଟା କ'ଣ ପଦେ କହିଦେଲା ବୋଲି···ଆଉ··· । ଆଖିରୁ ଲୁହ ପୋଛିଲା କଲ୍ୟାଣୀ । ସ୍ୱାମୀକୁ କ'ଣ ବା କହିବ ? ନିଜ ମନକୁ ପ୍ରବୋଧ ଦେଲା ।

ସ୍ବାମୀ ମୁହଁକୁ ଥରେ ଅନାଇଲା କଲ୍ୟାଣୀ । ମୁଖରେ ତାର ଭାଷା ନାହିଁ ।

ଦିନୁ ସବୁ ବୁଝି ପାରୁଛି । ଆଜି ସେ ବଡ଼ ଅନୁତପ୍ତ । ଆପଣାର ଭାଇଟା । କେଉଁଆଡ଼େ ପଳାଇ ଗଲା । ଲୋକେ ତାକୁ କ'ଣ କହିବେ ? ଗୁମ୍ମାରି ବସିପଡ଼ିଲା ସେ ।

କଲ୍ୟାଣୀ ସ୍ୱାମୀର ମନ ବଦଳାଇବା ପାଇଁ କହିଲା, କାହିଁକି ଏପରି ମନଟା ତୁମର କରୁଛ ? ନେଇଁ ଗୁଡ଼ କହୁଣିଙ୍କ ବୋଧହୁଏ ଯାଇଛି । ଯୁଆଡ଼େ ଯାଇଛି ଯାଇ ଥାଉ ସେ । ଦିନେ ହେଲେ ଆସିବ ତ ।

ଦିନୁ ଦୀର୍ଘ ନିଶ୍ୱାସ ପକାଇ କହିଲା, ହଁ କଲ୍ୟାଣୀ । ଦିନେ ହେଲେ ଆସିବ ଯେ । ଯେତେ ହେଲେ ଏକା ମାଆ ପେଟର ଭାଇ ତ । ମନଟା ମାନୁ ନାହିଁ ।

—ତିନି—

ଶୀତ ଦିନଟା । ସଅଳ ସଅଳ ସଂଜ ହୋଇଯାଏ । ଅଙ୍ଗ ପିଅଁଳାକେ ବେଳ ଚାଲିଯାଏ ।

ସକାଳ ସୂର୍ଯ୍ୟଟା ଠୋ ଠୋ ହୋଇ ହସି ଉଠେ । ରାତି ଆସେ—ବଡ଼ ରାତି । ଆକାଶରେ ଜହ୍ନ ହସେ—ତାରା ଫୁଟେ । ପ୍ରକୃତିର ଏଇ ସବୁ ଖେଳ ଭିତରେ ମଣିଷ ଅଗେଇ ଚାଲେ ।

ସକାଳ ହେଲାଣି । ମାଇ କାକରଗୁଡ଼ା ମଣିଷର ଚଲନ୍ତି ପଥରେ ବିଛୁଡ଼ି ହୋଇ ପଡ଼ିଛି । ପ୍ରକୃତି ଦାଉ ଏ । ମଣିଷର ଉପାୟ କ'ଣ ? ତାରି ଉପରେ ମଣିଷ ଅଗେଇ ଚାଲିଛି—ଅଙ୍କା ବଙ୍କା ପାଦ ପକାଇ ।

ସେଇ ଅଙ୍କା ବଙ୍କା ପାଦରେ କଣା ସାମଲ ଅଗରେ ଚାଲିଛି ତା' ପଛରେ ସରବା । ଶୀତଦିନ ସକାଳ । ଭୋରଚାରିଟାରୁ ପାସେ-

ଙ୍କର ଗାଡ଼ିଟା ଲଗାଇ ଦେଲା ହାୱଡ଼ା ଷ୍ଟେସନରେ । ଗାଡ଼ିରୁ ଓହ୍ଲାଇ କଣା ସାମଲ ସରବାକୁ ସାଙ୍ଗରେ ଧରି ଆଗେଇ ଚାଲିଛି । ରାସ୍ତା ଘାଟ ସବୁ ଫରଚା ଦେଖାଗଲାଣି । ସରବା କହିଲା—କଣା ଦାଦା, ତମ ବସା କେତେ ଦୂରରେ ?

କଣା ସାମଲ ସରବାର ବାଆଁ ହାତଟା ଧରି ଆଗେଇ ଚାଲି ଚାଲି କହିଲା, ଆଉ ଅଳ୍ପ ଦୂର । ହେଇ ଦେଖା ଗଲାଣି ।

ସରବା କଲିକତାର ଗାଡ଼ି ଘୋଡ଼ା ଜନ ଗହଳି ଦେଖି ଚମକି ପଡ଼ିଲା । ଏହି ସେ କଲିକତା, ଯେଉଁ କଲିକତା କଥା ଗାଁର ଧୋବି ଭାଇ, ବନ ମାଳି ତାକୁ କହନ୍ତି । କଲିକତାର କେତେ ମନ ମତାଣିଆ କଥା କହି ମନଟାକୁ ତାର ଭୁଲାଇ ଦିଅନ୍ତି ସବୁ କଥା ତାର ମନେ ପଡ଼ିଲା । ଆଜି ସେହି କଲିକତା ତାର ଆଖି ଆଗରେ । ମନେ ମନେ ଖୁସି ହେଉଛି ସରବା । ଘର କଥା, ଭାଇ କଥା, ନୂଆଁଙ୍କ କଥା ଭୁଲିଗଲାଣି ସେ ।

କିଛିକ୍ଷଣ ପରେ କଣା ସାମଲ ସାଙ୍ଗରେ ସରବା ପହଞ୍ଚିଲା ତା ବସାରେ । କଣା ସାମଲ ବସାଟା ବଡ଼ ବଜାରର କେଉଁ ଏକ ଅନ୍ଧ ସନ୍ଧି ଗଳି ଭିତରେ । ଭାରି ଭିଡ଼—ଜନଗହଳି ସେ ରାସ୍ତାଟା । କଣା ସାମଲ ଏକା ରହୁଥାଏ ସେ ବସାରେ । ଦେଖୁ ଦେଖୁ କୋଡ଼ିଏଟି ବରଷ ସେଇ ବସାରେ କଟାଇଲାଣି । କାହାଁକି ବା ଆଉ କେଉଁଠିକି ଯିବ ? ଘରଭଡ଼ା ତା ବାବୁ ଦିଏ ।

କଣା ସାମଲ ଘରକୁ ଗଲେ ବସାରେ ତାଲା ଲଗାଇ ଦେଇ ଯାଏ । ଘରୁ ଆସିଲେ ପୁଣି ଖୋଲେ । ଅସନା ବସାକୁ ପରିଷ୍କାର କରିଦିଏ ପୁଣି ସେ ବସା ହସି ଉଠେ ।

ସରବା ଏ ସବୁ ଦେଖିଲା, ତାକୁ ବଡ଼ ଅଡୁଆ ଲାଗିଲା ପ୍ରଥମେ । କ'ଣ କରିବ ? ଅଡୁଆ ଲାଗୁ—ଯାହା ହେଉ, ରହିବାକୁ ହେବ ତାକୁ । ଯେତେବେଳେ ଘରଗ୍ରାମ ଛାଡ଼ିଛି—ବିଦେଶ କଥା—ସେତେବେଳେ ଆଉ ସୁଖସୁବିଧା ଚାହିଁଲେ ପାଇବ କାହୁଁ ? କଣା ସାମଲକୁ ଆପଣାର କରି ସରବା ରହିଲା ।

କଣା ସାମଲ ବଡ଼ ବଜାରରେ କାମ କରେ—ଗାଣ୍ଠି ବୁହେ, ଓବଣ୍ ଦି' ପଇସା କମାଏ । ଏଇ ଗାଣ୍ଠି ବୋହି କଣା ସାମଲ ପାଞ୍ଚମାଣେ ଜମି କରିଛି । ଯୋଡ଼ା ଯୋଡ଼ା ଝିଅ ବାହା ଦେଇଛି । ଚାହିଁଲେ ଶଏ ପଚିଶ ଗଣିଦେବ । ହେଲେ କ'ଣ ହେବ ? କାମଟା ରକତ ନିଗିଡ଼ା କାମ ।

ସରବା ଆଗ ଏସବୁ ଦେଖିଲା । କଣା ଦାଦା ସାଙ୍ଗରେ ସେ କ'ଣ ଗାଣ୍ଠି ବୋହି ପାରିବ ନାହିଁ ? ଆପଣା ମନକୁ ତାର ପଚାରିଲା । କଣା ସାମଲ ହେମତ ତାକୁ ଦେଇଛି—ଚୁକାସି ଖଣ୍ଡେ କରାଇ ଦେବ । ସରବାର ଆଉ ଭାବନା କଣ ?

କଣା ସାମଲ କାମରୁ ଫେରି ସରବାକୁ ପଚାରେ, କହେ ସରବା, କଲିକତା କେମିତିକା ଲାଗୁଛି ? ସରବା କିଛି କହେ ନାହିଁ—ମୁରୁକି ହସା ମାରେ । ଏମିତି ଦିନ ଗଡ଼ି ଚାଲେ ।

ଦିନେ ସରବା ବସାରେ ବସି କ'ଣ ଏଣୁତେଣୁ ଭାବୁଥାଏ—କଣା ସାମଲ କାମରୁ ଆସି ପହଞ୍ଚିଲା ।

ସରବା କଣ ଏତେ ଭାବୁଛୁରେ ? ଘର କଥା ମନେ ପଡ଼ୁଛି କି ?

ସରବାର ଭାବନା ଭାଙ୍ଗିଗଲା । ମୁହଁରେ ସତେଜ ହସଟିଏ ଫୁଟାଇ କହିଲା, ନାଁ, ଦାଦା ଭାବିବା ଆଉ କ'ଣ ? ଘର କଥା କାହିଁକି ଆଉ ମନେ ପକାଇବା ? ଭାଇ ଭାଉଜ ତ ପରକରି ଘରୁ ତଡ଼ି ଦେଲେ । ତାଙ୍କ କଥା ଭାବିବା ଆଉ କାହିଁକି ?

—ଭାଇ ଭାଉଜ ପର କରି ଘରୁ ତଡ଼ି ଦେଲେ ? ଆପଣା ଖୁସିରେ ଆପେ ଘରୁ ଚାଲି ଆସି, ଭାଇ ଭାଉଜଙ୍କ ଦୋଷ ଦେଉଛୁ କାହିଁକି ସରବା ?

—ହଁ ଦାଦା, ହାତରେ ନ ମାରି ହତଅରରେ ମାରିଲେ ସେମାନେ । କିଣା ସାମଲ କହିଲା, ହେଉ ଯାହା ବୁଝୁଛୁ ତୋର ସେଇଆ ବୁଝୁଥା···ହଁ ଆସିବୁ ତ ସରବା, ଆଜିରେ ତୋତେ ବାବୁଙ୍କୁ କାମରେ ଦେଖାଇ ଲଗାଇ ଦେବାକୁ ହେବ ।

କିଣା ସାମଲ୍ ସାଙ୍ଗରେ ସରବା ବାହାରି ପଡ଼ିଲା ।

ବାବୁ ସରବାର ଛଇଛାଉ ଭଙ୍ଗୀ ତାରପରି ଚେହେରାଦେଖି ଖୁସି ହୋଇଗଲେ । ସରବାର ଦରମା ଠିକ୍ ହୋଇଗଲା ଷାଠିଏଟଙ୍କା । କିଣା ସାମଲ୍ ସାଙ୍ଗରେ ଗାଣ୍ଡି ବୋହିବ । ସରବା ମନରେ ଭାରି ଆନନ୍ଦ । କଷ୍ଟ କାମ ହେଉ ବରଂ ସେ ଧ୍ୟାନରେ ପକାଇ ସବୁ କରିବ । ସରବା ରୋଜ କିଣା ସାମଲ୍ ସାଙ୍ଗରେ ସକାଳୁ ଖାଇପିଇ ଯାଏ କାମକୁ—ଆସେ ବେଳ ବୁଡ଼ରେ । ଭାରି ଖଟଣି । ଯେତେଦିନ ଯାଉଥାଏ—ସରବା ସେତେ ଆନନ୍ଦ ହେଉଥାଏ । ମାସ ଶେଷରେ ସେ ଦରମା ଟଙ୍କା ପାଇବ, ଜାମା କରିବ—ଲୁଗା କରିବ । ଏମିତ କେତେ କଣ ।

ଦେଖୁ ଦେଖୁ ସରକାର ଘରୁ ଆସିବା ମାସ ଗୋଟାଏ ହୋଇଗଲା । ଗୃହକର୍ତ୍ତାରୁ ଦରମା ଟଙ୍କା ପାଇ ସରବା ଖୁବ୍ ଖୁସି । ନିଜର ଜାମା ଖଣ୍ଡେ ଲୁଗା ଖଣ୍ଡେ କିଣି ଆଣିବା ପାଇଁ କଣା ଦାଦାକୁ କହିଲା । କଣା ସାମଲ ଜାମା ଖଣ୍ଡେ ଲୁଗା ଖଣ୍ଡେ କିଣି ଦେଲା ସରବାକୁ । ଏମିତି ଦିନ ଗଡ଼ି ଚାଲିଲା ।

ଦିନେ କଣା ସାମଲ ପଚାରିଲେ, ସରବା, ଗୃହକର୍ତ୍ତା ତ ଭଲଣି, ଏବେ ଘରକୁ ଚିଠିପତ୍ର ଖଣ୍ଡେ ପଠା । ସେଥର ଡରରେ ତୁ ସିନା ଘରୁ ପଳାଇ ଆସିଲୁ— ଭାଇ ଭାଉଜ ତୋତେ କ'ଣ ଘରୁ ବାହାର କରି ଦେଇଥିଲେ ? ବଡ଼ ରାଗଲାଟା ତୁ । ସେଦିନ ଘରୁ ଦିନୁ ମୋତେ କହୁଥିଲା, କଣାଦାଦା, ସରବାଟାର ବୁଦ୍ଧି ଅକଲ ହେଲା ନାହିଁ—ସବୁବେଳେ ପିଲାଳିଆ ଢଙ୍ଗ । କ'ଣ କେମିତି ଘର କରିବ ? ତା'ର ଚିନ୍ତା ମୋତେ ଖାଉଛି । ଦେଖୁ ଦେଖୁ ତ ଷୋଳ ବରଷ ହେଲାଣି । ଆଉ ଦି'ଟା ବରଷରେ ତା ପାଇଁ ପୁଣି...... । ଭଲକାଳ କ'ଣ କହୁଛ କଣା ଦାଦା ? ମୁଁ କହିଲି, ହଁରେ ଦିନୁ କଥାଟା ନିହାତି ମନ୍ଦ ନୁହେଁ । ତେବେ ସରବା ବଡ଼ ମିହନ୍ତିପିଲା । ଦିନ ଆସିଲେ ଆପେ ଆପେ ସବୁ ବୁଝିପାରିବ ଯେ ।

ସରବା କଣା ସାମଲ ମୁହଁକୁ ଅନାଇଁ କ'ଣ କହିବାକୁ ଯାଉଥିଲା - କିନ୍ତୁ କହି ପାରିଲା ନାହିଁ । ଭାଇ ଭାଉଜଙ୍କ ପ୍ରତି ରାଗ ଆଉ ହିଂସାରେ ଅନ୍ତର ତା'ର ଜଳି ଉଠିଲା । ମନେ ମନେ କହିଲା, ଏ ସବୁ ଲୋକ ଦେଖାଣିଆଁ କଥା । ଭାଇ ଭାଉଜ ପର—ସାତପର । ପୁଣି ମନ ଭିତରେ କିଏ ତାକୁ ଯେପରି କହିଲା, ନାହିଁରେ ସରବା, ଭାଇ ଭାଉଜ ସାତପର ନୁହନ୍ତି ...

ଅପଣାର । ତୁ ଭୁଲ୍ ବୁଝିଛୁ । ଭାଇ ଯା'ର ନାହିଁ—କେହି ତା'ର ନାହିଁ । ବିପଦ ଆପଦରେ ହାତ ପତାଏ ସିନା ଭାଇ ।

ମନଟା କିନ୍ତୁ ଏ କଥାରେ ତା'ର ମାନିଲା ନାହିଁ । ସେ ବୁଝିଛି—ଭାଇ ଯଦି ଏତେ ଅପଣାର—ତେବେ ସେ ମାସେ ଗୋଟାଏ ହେଲା ଘର ଛାଡ଼ି ପଳାଇ ଆସିଛି—ମଲାଣି କି ଗଲାଣି ସେ ଖବର ଭାଇ ଭାଉଜ ତ ରଖି ନାହାନ୍ତି ? ସେତ ଭାବୁଥିଲେ ଭଗାରିଟା—ପାଖରେ ରହିଲେ ବାଣ୍ଟି ନେବ, ଚାଲିଗଲେ ଭଲ । ଭଲଇ ହୋଇଛି ତାଙ୍କର, ଚାଲି ଆସିଲି । ଏମିତି ଭାଇ ଭାଉଜ ଥିଲେ ସରବାର କି ଯାଏ ଆସେ ?

ସେଦିନ ରବିବାର । ଛୁଟି ଦିନଟା । ସରବା କିଣା ସାମଲକୁ କହିଲା, ଦାଦା ବସାଟାରେ ଖାଲି ବସି ରହି ଭଲ ଲାଗୁନାହିଁ । ମୁଁ ଟିକେ ବାହାରୁ ବୁଲି ଆସୁଛି ।

କିଣା ସାମଲ କହିଲା, ରାସ୍ତା ଘାଟ ଚିହ୍ନି ଗଲୁଣି ତ ? ଯାଉନୁ—ବସାଟାରେ ବସି ରହି କାହାର କ'ଣ କରିବୁ ?

ସରବା କମିଜ ଖଣ୍ଡେ ଦେହରେ ଗଳାଇ ପକାଇଲା । ମୁଣ୍ଡର କେଶ ଟିକେ ବାଗେଇ ଦେଲା । ଆଜି ଭାରି ଫୁର୍ତ୍ତିର ଦିନ । ସରବାର ମନଟା ଖୁସି ହୋଇଗଲା । ରାସ୍ତାକୁ ବାହାରି ପଡ଼ିଲା ଏକା ଏକା । କଲିକତା, ଗାଡ଼ିଘୋଡ଼ା, ଜନ ଗହଳି ତାକୁ ସୁନ୍ଦର ଦିଶୁଛି—କେଡ଼େ ସୁନ୍ଦର । ସରବା ସେହି ଗାଡ଼ିଘୋଡ଼ା ଜନ ଗହଳି କାଟି ଆଗେଇ ଚାଲିଛି । କେଉଁଆଡ଼େ ଯିବ ? ମନେ ମନେ ଭାବୁଛି ସେ । ବଡ଼ବଜାର ମୋଡ଼ ଛକରେ ଛିଡ଼ା ହେଲା ।

ଆଗରେ ଗାଡ଼ିଘୋଡ଼ାର ଅସୁମାରି ଗହଳି । ସାମ୍ନାରେ ଗଙ୍ଗା ନଦୀର ବିରାଟ ବକ୍ଷରେ ମଥାନ ପରି ଛିଡ଼ା ହୋଇଛି ହାଓଡ଼ାର ସୁବୃହତ ସେତୁ । ସେହି ସେତୁଟିର କଳେବରକୁ ଦୂରରୁ ନିରୀକ୍ଷଣ କରୁଛି ସରବା । ତା'ର ବକ୍ଷ ଦେଶରେ ଅସୁମାରି ଟ୍ରାମ, ବାସ୍, ଚାଲିଛି । ଢକଢାଳ ଘର୍ଘର ଶବ୍ଦରେ ଚାରିଆଡ଼ କମ୍ପମାନ ଶୁଭୁଛି । ନିବିଷ୍ଟ ଚିତ୍ତରେ ସରବା ସେଇଆଡ଼କୁ ଚାହିଁଛି । ପଛରୁ ତାକୁ କିଏ ଡାକିଲା—ସରବା, ସରବା କିରେ ?

•

ସରବା ଚମକି ପଡ଼ି ପଛକୁ ଅନାଇଁ ଦେଲା । କୁଳଭାଇ ତାର ପଛରେ ଛିଡ଼ା ହୋଇଛି । ସରବା କୁଳଭାଇଙ୍କ ଦେଖି ଛଳ ଛଳ ଆଖିରେ ମୁଣ୍ଡ ନୁଆଁଇ ଦଣ୍ଡବତ କରି ଗୋଟାଏ କଡ଼କୁ ଛିଡ଼ା ହେଲା । ମନଟା ତା'ର ଛୁଇଁଲା, କାଳେ କୁଳଭାଇ ଜାଣିବ—ସେ ଘରୁ ଲୁଚି ପଳାଇ ଆସିଛି ।

କୁଳ ସରବାର ମାମୁଁ ପୁଅ ଭାଇ । କଲିକତାରେ ଥାଏ । ସାହେବ ଘରେ ଚାକିରି କରେ । ବାପା ତାର ସାହେବ ପାଖରେ ଚାକିରି କରୁଥିବାବେଳେ କୁହାବୋଲା କରି ତାକୁ ରଖାଇ ଦେଇଛି । କୁଳ ମାସରେ ଶଏଟି ଟଙ୍କା ଦରମା ପାଏ । ସେଇଥିରୁ ଖାଇ ପିଇ ଯାହା ବଞ୍ଚାଏ ଘରକୁ ପଠାଏ । ବାଜେ ଖର୍ଚ୍ଚ ତା'ର ମୋଟେ ନାହିଁ । କାମଟାରେ ଚବିଶ ଘଣ୍ଟା ହାଜର । ଏଥିପାଇଁ ବେଳେ ବେଳେ କୁଳର ମନଟା ଚିଡ଼ି ଉଠେ । ସବୁବେଳେ ପିଞ୍ଜରାରେ ପଶିଲା ଭଳି ଘର ଭିତରେ ପଶି ରହୁଥାଏ । ସେଦିନୁ ସେ ଚିଠି ଖଣ୍ଡେ ଦାନୁଭାଇ ଠାରୁ ପାଇଲାଣି । ସରବା ଘରୁ ଲୁଚି ପଳାଇ ଆସିଛି କଲିକତା । ତାର ଖବର ଟିକେ ନେବାକୁ ।

ଏଭଳି କରିବାକୁ ସେ ସମୟ ପାଉନି । ଆପଣାର ଭାଇଟା କେଉଁଠି ଥିବ, କ'ଣ କରୁଥିବ ? କଲିକତା । ନୂଆ ଲୋକଟା । ସେଦିନ ମନଟା ତା'ର କମିତକା ହୋଇଗଲା । କୁଳ ସାହେବକୁ ସବୁ କଥା କହିଲା । ସାହେବ ଦି' ତିନି ଘଣ୍ଟା ପାଇଁ କୁଳକୁ ଛୁଟି ଦେଲା । କୁଳ ସରବାର ଖୋଜ ନେବାକୁ ଆସିଥିଲା । ସୌଭାଗ୍ୟକୁ ହଠାତ୍ ରାସ୍ତା କଡ଼ଟାରେ ସରବା ସହିତ ତା'ର ଭେଟ ହେଲା । କୁଳ ମନଟା ଆନନ୍ଦରେ ନାଚି ଉଠିଲା ।

କିଛିକ୍ଷଣ ପରେ କୁଳ ପଚାରିଲା ସରବାକୁ । ସରବା, କ'ଣ ତୋ'ର ହୋଇଛି କି ? କଲିକତା କାହିଁକି ଆସିଛୁ ? ଭାଇ ଭାଉଜଙ୍କୁ ଜଣାଇ ଆସିଛୁ ନା ଲୁଚି ଆସିଛୁ ? କଲିକତା ସହର । ଦାଣ୍ଡକରେ ବେହୁସିଆର ହେଲେ ଲୁଣ୍ଡି ବଣା । କିଛି କଥାବାର୍ତ୍ତା ନାହିଁ, ଜଣା ଶୁଣା ନାହିଁ—ଏମିତି ହୁଙ୍କାପିଟା ଭାବରେ କାମ କଲେ କଣ ଲୋକେ ଭଲ କହିବେ ? କଥାଟା କ'ଣ ଆଗ କହନି । ଭାଇ ଭାଉଜଙ୍କ ସାଙ୍ଗରେ କଳି ଲାଗିଲା ?

ସରବା ନୀରବ । ପାଟିରୁ ତା'ର କଥା ପଦେ ବାହାରିଲା ନାହିଁ । ଗୋଟାଏ ବତୀଖୁଣ୍ଟ ପାଖକୁ ଅଉଜି ସ୍ଥାଣୁ ଭଳି ଠିଆହୋଇ ରହିଲା । ସେତେବେଳକୁ ରାସ୍ତାଟା ଭିଡ଼ ହୋଇ ଯାଉଥାଏ । ହରିସନ ରୋଡ଼ ରାସ୍ତାଟା ସବୁବେଳେ ଜନ ଗହଳି । ଅସୁମାରି ଭିଡ଼ । ହକରମାନେ ମନୋହାରୀ ଜିନିଷ ଧରି ରାସ୍ତାର ଦୁଇ କଡ଼ରେ ଭିଡ଼ ଜମାଇ ଦେଲେଣି । ଚିତ୍କାର ଉପରେ ଚିତ୍କାର । ନାନାପ୍ରକାର ଛଳନାରେ କ୍ରେତାମାନଙ୍କୁ ଡାକିବାର କାଇଦା ଏ ।

—କ'ଣ କିଛି କହୁନୁ ସରବା ?

କଣ ସେ କହିବ ?

କୁଳ ସରବା ମୁହଁକୁ ଅନାଇ ଦେଲା । ତା ଆଖିରୁ ଲୁହ ଠପ୍ ଠପ୍ ହୋଇ ବହି ଯାଉଛି । ଭାରି କୋଧ ଲାଗିଲା । ଯେତେହେଲେ ନିଜର ଭାଇଟା । ବଡ଼ଦେଶ କଥା । କେବେଠୁଁ ଆସିଲଣି । କୁଳ କହିଲା, କରେ ସରବା, କାନ୍ଦୁଛୁ ? ଆସିଛୁ ତ ଆସିଛୁ—କଲିକତା ଦେଖି ଚାହିଁ ଯିବୁ । ପୁଣି ଏମିତ କାନ୍ଦୁଛୁ କାହିଁକି ?

ସରବା ପିନ୍ଧା କାନରେ ଲୁହ ପୋଛୁ ପୋଛୁ କହିଲା, ନା ଭାଇ, ଆଉ ଘରକୁ ଯିବନାହିଁ ।

କୁଳ ଦେଖିଲା ସରବାର ରାଗ ମେଜାଜଟା କମି ନାହିଁ । ବସାକୁ ନେଇ ବୁଝାଇ ସୁଝାଇ ଯେପରି ହେଉ ତାକୁ ଘରକୁ ପଠାଇ ଦେବ । ତା' ଯଦି ନ କରେ ଦାନୁ ଭାଇ ତାକୁ କ'ଣ କହିବ ? ଭାଇଟା ମୋର କଲିକତାରେ ବୁଲୁଛି—ତାକୁ ଘରକୁ ପଠାଇ ଦେଲି ନାହିଁ ।

କୁଳ କହିଲା, ସରବା, ହେଉ ତେବେ ମୋ ସାଙ୍ଗରେ ଚାଲ୍ ।

—କେଉଁଠିକି ?

—ଆମ ବସାକୁ ।

ସରବା ଗୁମ୍‌ମାରି କହିଲା କୁଳଭାଇ, ତେବେ ମୁଁ ଟିକେ କଣା ଦାଦାକୁ କହି ଆସୁଛି ।

କୁଳ କହିଲା, କେଉଁ କଣା ଦାଦା ?

—ଆମରି ଗାଁ କଣା ସାମଲ ।

—ଓଃ, କଣା ସାମଲ । ସେତ ଖେଙ୍ଗରାପଟି ମାରଓ୍ୱାଡ଼ି ଗୋଦାମରେ ଗାଣ୍ଡିବୁହା କାମ କରେ ।

ସରବା କହିଲା—ହଁ ।

—ତାଙ୍କୁ କାହିଁକି କହୁ ଅସିବୁ ?

—ସରବା କହିଲା, ମୁଁ ତାର ପାଖରେ ଅଛି । ସେ କାମ ଖଣ୍ଡେ କରାଇ ଦେଇଛି ।

—କି କାମରେ ? କ'ଣ ଗାଣ୍ଡି ଚୁହା କାମ ?

—ସରବା କହିଲା, ହଁ ଗାଣ୍ଡି ଚୁହା କାମ ।

କୁଳ ଚମକି ପଡ଼ିଲା ଏକାଥରେ । କଣା ସାମଲ ପାଖରେ ରହି ଗାଣ୍ଡିଚୁହା କାମ କରୁଛି ? ଛି—ଛି—କ'ଣ ଏତେ ଅଭାବ ଅମର ହୋଇଛି କି ? ଏମିତି ଲୁହ ନିଗିଡ଼ା କାମ କରିବାକୁ ମନଟା ସକ ସକ । ଯା ହେଲା ହେଲା, ତୁ ମୋ ସାଙ୍ଗରେ ଅସିଲୁ ।

ସରବା ଜାଣେ ନା ଭାଇ ତାର କୁଳ ପାଖକୁ ଚଠି ପଠାଇଛି, ସରବାକୁ ଯଦି ପାଇ ଘରକୁ ପଠାଇ ଦେବୁ ।

କ'ଣ କରିବ—ଯେତେବେଳେ ଅପଣାର ଭାଇଟା ଡାକୁଛି—ତା ବସାକୁ ଯିବାକୁ, କେମିତି ବା ନଯିବ ?

ସରବା ଅଜ କଣା ସାମଲକୁ କହିବାକୁ ଯାଇ ପାରିଲା ନାହିଁ । ମନଟା ତା'ର ଗୁଡୁପୁଡ଼ୁ ହେଲା । କାଲେ କଣାଦାଦା ଖୋଜିବ ।

କୁଳ ପାର୍କ ସର୍କଶ ଟ୍ରାମଟା ଦେଖି ସରବାକୁ କହିଲା—ଏହି ଟ୍ରାମଟାରେ ଉଠିପଡ଼ ।

ସରବା ଟ୍ରାମକୁ ଉଠି ପଡ଼ିଲା—ତା ପଛେ ପଛେ କୁଳ ମଧ୍ୟ ଉଠି ପଡ଼ିଲା ।

ଟ୍ରାମଟା ହରସନ ରୋଡ଼ ଦେଇ ପାର୍କ ସର୍କସ ଅଡ଼େ ରାସ୍ତା ଫଟାଇ ବିଜୁଳି ବେଗରେ ଉଡ଼ି ଚାଲିଲା ।

## — ଚାରି —

ଅନ୍ଧାର ହୋଇ ଆସିଲାଣି । କଟି କଟିଆ ଅନ୍ଧାର । କଲିକତା ରାସ୍ତାର ବିଜୁଳିବତୀ ଗୁଡ଼ାକ ଜଳି ଉଠିଲାଣି । କି ଧନ କି ସ୍ରୋତ ଯୁଆଡ଼େ ଦେଖ ସିଆଡ଼େ ଖାଲି ଜନ ଗହଳି ଅସୁମାରି ମଣିଷ ଭିଡ଼ । ଭୁଲି ଟ୍ରାମରୁ ଓହ୍ଲାଇ ଆଗେ ଆଗେ ଚାଲିଲେ । ତା ପଛେ ପଛେ ସରବା । ସରବାକୁ ଭାରି ସୁନ୍ଦର ଦେଖା ଯାଉଛି । ନୂଆ ରାସ୍ତା । ଏଆଡ଼ୁକୁ ସେ କେବେ ଆସିନାହିଁ । ଚାଲି ଯାଉଁ ଯାଉଁ ସବୁବେଳେ ସରବାର ଆଖି ଦ'ଟା ସବୁଥିରେ ଯାଇ ପଡ଼ୁଛି । ଦିଆଲରେ ମରା ଯାଇଛି ସିନେମାର ଛବି ଗୁଡ଼ାକ । ତା ଉପରେ ଆଖି ପଡ଼ୁଛି ସରବାର । କେଡ଼େ ସୁନ୍ଦର ଛବି ଗୁଡ଼ିକ । ମନ ତା'ର ମୁଗ୍‌ଧ ହୋଇ ଯାଉଛି । ଚଲନ୍ତି ପାଦ ତା'ର ଦଣ୍ଡିକ ପାଇଁ ଅଟକି ଯାଉଛି । ଅଳ୍ପଦୂର ଆଗେଇ ଯାଇଛନ୍ତି, ଭୁଲି କହିଲା— ସରବା ଏଇଟା ହେଉଛି ଆମ ସାହେବ କୋଠି । ସରବା କୋଠାଟିକୁ ଚାହିଁଲା—କେଡ଼େ ସୁନ୍ଦର କୋଠି । ଚାରିପଟ ସିମେଣ୍ଟର ଦିଆଲ । କୋଠା ସାମନାରେ ବଗିଚା । ନାନା ଜାତିର ଫୁଲ ଫୁଟିଛି ଗଛରେ ।

ସରବା କୁଳ ମୁହଁକୁ ଅନାଇ କହିଲା, ତମେ ଏଇଠି କାମକର କୁଳ ଭାଇ ?

କୁଳ କହିଲା, ହଁ ଏଇଠି କାମ କରେ ।

କୁଳ ସରବାକୁ କୋଠି ଭିତରକୁ ନେଇ ସବୁ ଦେଖାଇ ଦେଲା । ତା ସାହେବ କେମିତି ଖାଏ— କେମିତି ଥାଏ । କେତେ କଣ । ସରବା ସାହେବର ଶୋଇବା ଘର ଦେଖି ଚମକି ପଡ଼ିଲା । ଧୋବ ଫର ଫର ମଖମଲ୍ ଗଦି ପଲଙ୍କ ପଡ଼ିଛି । ଦିଅାଲରେ ଟଙ୍ଗା ହୋଇଛି କେତେ କେଜାଣି ଅସୁମାର୍ ଫଟୋ । ଦରଜା ସାମନାକୁ ଦି' ଚାରିଟା ଫୁଲ୍ ଗଛର ଟାଙ୍ଗୁଲି ଥୁଆ ଯାଇଛି ।

ସରବା ସବୁ ଦେଖି ସାରିଲା । ତା ପରେ କୁଳ ସରବାକୁ ସାଙ୍ଗରେ ନେଇ ତା ବସାରେ ପହଞ୍ଚିଲା । କୁଳର ବସାଟା ସେହି କୋଠି ଭିତରେ ପାଞ୍ଚଦଶ ହାତ ନଗାର୍ ଘ୍ରଡ଼ । ରାତି ହୋଇ ଗଲାଣି । ରାସ୍ତାଟା ଗାଡ଼ି ଘୋଡ଼ା ଯିବା ଆସିବାରେ କମ୍ପୁଛି । ସରବା ବସାରେ ବସିଲା । କୁଳ କହିଲା, ସରବା ସେଇଠି ବସିଥା । ମୁଁ ଟିକେ ଆସୁଛି । କିଛିକ୍ଷଣ ପରେ କୁଳ ହାତରେ ଗୁଡ଼ାଏ ଜଳଖିଆ ଧରି ପହଞ୍ଚିଲା । ସରବାକୁ କହିଲା, ଖାଅ ।

ସରବା ଜଳଖିଆ ତକ ଖାଇଲା ।

ଅନେକ ରାତି ହୋଇ ଗଲାଣି । କୁଳ ରାତି ଭୋଜନର ଆୟୋଜନ କଲା । ଭଜା ମାଛ—ହଇଡ଼, ଡାଲି, ଅଳୁ, ପୋଟଳ ଆଣି ଯତ୍ନରେ ରାନ୍ଧିଲା । ଦି' ଭାଇ ଖାଇଲେ ।

ଶୋଇଲା ବେଳେ କୁଳ ପଚାରିଲା ସରବାକୁ—ସରବା, ମତେ କହନା ତୁ କାହିଁକି ଘରୁ ପଳାଇ ଆସିଛୁ ?

କଣ ସରବା କହିବ ? କାନ୍ଦ କାନ୍ଦ ହୋଇ କହିଲା, ଭାଇ ସାଙ୍ଗରେ ଝଗଡ଼ା ହେଲା । ରାଗ ଭରରେ ମୁଁ ପଳାଇ ଆସିଛି । ସେ ଭାଇ ଭାଉଜଙ୍କ ପାଖକୁ ମୁଁ ଆଉ ଯିବ ନାହିଁ—ତାଙ୍କୁ ମୁହଁ ଦେଖାଇବ ନାହିଁ । ଟିକକ କଥାରେ······। ସରବା ଆଉ କିଛି କହି ପାରିଲା ନାହିଁ । ତା ଆଖିରୁ ଲୁହ ଦ'ଠୋପା ଗଡ଼ି ପଡ଼ିଲା ।

କୁଳ କହିଲା, ତୁ' ସରବା କାନ୍ଦୁଛୁ ? ଘର କର ଭାଇ ଭାଉଜଙ୍କରେ କଣ କ'ଣ ତକରାର ଲାଗୁନାହାନ୍ତି ? ସେ ପୁଣି ମେଣ୍ଟି ଯାଉଛୁ ନା ରହୁଛୁ ? ତୁ ଏମିତି ଧର ବାନ୍ଧ ବସିଲେ ହେବ ? ମୋ କଥା ମାନ୍ । ତୁ କାଲି ଘରକୁ ଯା । ମୁଁ ବାଟ ଖର୍ଚ୍ଚ ଟଙ୍କା ଦେଉଛୁ ।

ସରବା କହିଲା, ନାଁ କୁଳ ଭାଇ, ମୁଁ ଘରକୁ ଯିବ ନାହିଁ । ସେ କଥା ମୋତେ କୁହନା । ତା ହୋଇଥିଲେ ମୁଁ କେଉଁ-ଦନରୁ ଚାଲି ଯାଆନ୍ତିଣି ।

କୁଳ ବୁଝିଲା, ଘଟଣାଟା ଯାହା ହେଇଥାଉ ନା କାହିଁକି ସରବାକୁ ବଡ ବାଧୁଛି । ଯେତେହେଲେ ଭାଇ ଭାଉଜ ତ । ମାଆ ନାହିଁତ—କେହି ନାହିଁ । ଆଦର ଯତ୍ନ ଯେମିତି କିଏ ବା ଆଉ କରିବ ?

କୁଳ ଜାଣେ ପିଉସୀ ତାର ଥିଲାବେଳେ ସେଇଘର କେମିତି ଚଳୁଥିଲା । ଲୋକେ କହୁଥିଲେ, ସୁଜାତ ଘର ବୁନିଆଦ୍ ଘର । ପିଉସୀ ତାର ମରିଗଲା ଦିନୁ ସେ ଘର ଯେମିତି ଶିରୀ ଛୁଟି ଯାଇଛି । ଆଜି ମନେ ହେଉଛି ଯେମିତି ସେ ଘରୁ ଗୋଟିଏ ଦୀପ ଲିଭି ଯାଇଛି ।

ସରବାଟା ବଡ଼ ଜିଦ୍‌ଖୋର । କି କୌଶଳରେ ତାକୁ ପଠାଇବ—ଏଇକଥା ଭାବୁଛି କୁଳ । କିଛି ସ୍ଥିର କରି ପାରୁନାହିଁ । ଶେଷରେ ଭାବିଲା କ'ଣ କରୁଛି କରୁ· କିଛି ଦିନ ଗଲେ ସ୍ୱଦେଶ ହାଓ୍ୱା । ବୁଝି ପାରିଲେ ଆପେ ଆପେ ଯିବାକୁ ବାଟ ପାଇବ ନାହିଁ । ଯିବ କୁଆଡ଼େ ?

ରାତି ଅନେକ ହୋଇଗଲାଣି । କଥାବାର୍ତ୍ତା ସରିଲା । କେତେବେଳୁ ଦି' ଭାଇ ଶୋଇ ପଡ଼ିଲେଣି ।

ଭୋର୍ ପାଞ୍ଚଟା । କୁଳ ବିଛଣାରୁ ଉଠିଲା । ସାହେବ ଘରେ ତା'ର ସକାଳ ଧନ୍ଦାଟା ବେଶୀ । ସରବା ନିଦରେ ଶୋଇଥାଏ । ତାକୁ ଉଠାଇ ଦେଇ, କୁଳ ଦାନ୍ତକାଠି ପାଣି ଦେଲା—ସରବା ଦାନ୍ତ ଘଷୁ ଘଷୁ କହିଲା, କୁଳଭାଇ, ଦେଖେ କାଶୀଦାଦା ମୋତେ ଖୋଜୁଥିବ । ନୂଆ ଲୋକ । ତାକୁ କାଲି କିଛି କହି ଆସିନି । ଆଜି ପୁଣି କାମ ।

କୁଳ କହିଲା, ସେ କଥା କହନା ଆଜିକ ରହ କାଲି ଘରକୁ ଯିବୁ ।

ସରବା କହିଲା, ନାଁ ଭାଇ, ଘର ଯିବା କଥା କୁହ ନାହିଁ । ଘରକୁ ଯିବି କାହିଁକି ?

କୁଳ ଉପାୟହୀନ ହେଲା । କ'ଣ ବା କହିବ ? କଥା ବୋଲି ନ ମାନିଲେ ବଳ କ'ଣ ? କୁଳ କହିଲା, ହେଉ ତେବେ ଚାଲ୍ ଛାଡ଼ିଦେଇ ଆସିବି । ଆଗ ଚା' ଟିକେ ଖାଇ ଦେ । ସରବାକୁ ଚା' ଆଣି ଦେଲା କୁଳ । ସରବା ଚା' ଖାଇସାରି କମିଜ ପିନ୍ଧି ପଦାକୁ ବାହାରି ଆସିଲା । ରାସ୍ତାରେ ଦି' ଭାଇ ଆଗେଇ ଚାଲିଲେ ଟ୍ରାମ ଡିପୋ ପର୍ଯ୍ୟନ୍ତ । ଚାଲି ଯାଉଁ ଯାଉଁ ସରବା କହିଲା, କୁଳଭାଇ, ଗାଁକୁ ଚିଠି ଦେବ ନାହିଁ—ମୁଁ କଲିକତାରେ ଅଛି ବୋଲି ।

କୁଳ ସରବା ମୁହଁକୁ ଅନାଇଁ ହସି କହିଲା, ନା, ଷଠି ଆଜ କାହିଁକି ଦେବ ? ତୁ ତ ଆଜ ଘରକୁ ଯିବୁ ନାହିଁ । ଷଠି ହେଲେ କ'ଣ ହେବ ? ଅ—ରଖିଲ ଅସିଲ୍ ।

ସକାଳ ଅଠଟା । କଣା ସାମଲ ମନ ଦୁଃଖରେ ବସାରେ ବସିଛି । ଚଉକଟା କୁଆଡ଼େ ଗଲା—କ'ଣ କଲା—ସନ୍ଧ୍ୟାଘାଟ ଖବର୍ ନାହିଁ—କେବେ କଣ ? ସରବା କଥା ଭାବୁଛି । କାଲି ରାତିରେ ଆଖିକୁ ତା'ର ନିଦ ନାହିଁ । ରାତିସାରା ଛଟପଟ ହୋଇଛି । କେତେ ଅଡ଼ୁ କେତେ ଚିନ୍ତା ମୁଣ୍ଡରେ ତା'ର ଖେଳୁଛି । ଦନୁ ଯଦି ଶୁଣେ ତାକୁ କ'ଣ ନ କହିବ ? ଭାଇଟାକୁ ମୋର ଶିଖାଇ ନେଇ ଶେଷରେ ଏମିତି କଲା ।

ବଡ଼ ଅଡ଼ୁଆରେ ସେ ପଡ଼ିଲା—ସତେମ ସରବାଟାର କି ବୁଦ୍ଧି ।

ଏହି ସମୟରେ ସରବା ପହଞ୍ଚିଲା—ତା ସାଙ୍ଗରେ କୁଳ ।

କଣା ସାମଲ ସରବାକୁ ଦେଖି ଖୁସି ହୋଇଗଲା । ରାଗମିଶା ସ୍ବରରେ ମୁରବି ଢଙ୍ଗ ଦେଖାଇ କଣା ସାମଲ ସରବାକୁ କହିଲା, କିରେ କ'ଣ ଘର କରି ପାଇଛୁ ଯେଉଁଠି କି ପାରି ସେଠିକି ମନ ଇଚ୍ଛା ଚାଲିଯିବୁ ? ଯଦି ବା ତୁ ଚାଲିଗଲୁ—ମତେ କହି ଗଲୁନା କାହିଁକି ?

ସରବା ବୁଝି ପାରିଲାଣି—କଣା ଦାଦା ରାଗି ଯାଇଛି । ସରବା କହିଲା, କଣା ଦାଦା କ'ଣ କରିବ—କାଲି କୁଳ ଭାଇ ଦେଖା ହେଲେ । ସେ ଦନୁ ଘରୁ ଆସିଲେଣି, ତାଙ୍କୁ ଦେଖା କରି ପାରି ନ ଥିଲି । ସେ ଜୋର କରି ତାଙ୍କ ବସାକୁ ମୋତେ ନେଇଗଲେ । ଭାବିଥିଲି ତମକୁ କହିଯିବି । କୁଳ ଭାଇ କହିଲେ, ନାଁ ମ, କହିବୁ ଗୋଟା କ'ଣ ? ଚାଲ୍ । ମୁଁ ତାଙ୍କ ସାଙ୍ଗରେ ଚାଲିଗଲି ।

ହଉ, ଚଞ୍ଚଳ ତୋ'ର କାମ ସାରିଦିଏ । କାମକୁ ଯିବା ବେଳ ହେଲାଣି ।

କୂଳ ଛୁଡ଼ା ହୋଇଛି କିଣା ସାମଲ୍ ବସା କବାଟକୁ ଅଜାଡ଼ି ।

କିଣା ସାମଲ୍ କହିଲା, କିରେ କୂଳ ବସିନୁ, ଛୁଡ଼ାଟା କାହିଁକି ହେଉଛୁ ? ଆ ଘର ଭିତରେ ବସ୍ । ପିଢ଼ାଖଣ୍ଡେ ବଢ଼ାଇ ଦେଲା କିଣା ସାମଲ । କୂଳ ପିଢ଼ା ଖଣ୍ଡିକ ଉପରେ ବସୁ ବସୁ କହିଲା, ନା ଦାଦା ବସିବି କ'ଣ—ତେଣେ କାମ ଅଛି । ସରବା ଦାୟିତ୍ୱ ତମ ଉପରେ । କିଣା ଦାଦା ତମେ ସରବାର ଖବର ଅନ୍ତର ଟିକେ ବୁଝୁଥିବ । ଚଗଲଟା ଘରୁ ସିନା ପଳାଇ ଆସିଲା, ହେଲେ ତାର କଣ ଅଭାବ ଅଛି ।

—ହଁରେ ପୁଅ । ସେଇ କଥା ମୁଁ କାନେ କାନେ ତାକୁ ବୁଝାଇଛି ଧାନମଣ୍ଡଳ ଷ୍ଟେସନଠୁଁ କଲିକତା ଯାଏ । ବୁଝିଲାନାହିଁ । ମୋର ବଳ କଣ ? ଗାଁର ପୁଅଟା । ପାଖରେ ଯେତେବେଳେ ଅଛି —ମୁଁ କଣ ହତାଦର କରିବି ତାକୁ ? କାମ ଖଣ୍ଡେ ତ କଲାଣି । ଯାହା ଦି ପଇସା ପାଇବ ଖାଇ ପିଇ ସାଇତି ରଖିବ । ଦେଖିବୁରେ କୂଳ ସରବା ହାତକୁ ଦିନୁ ପୁଣି ଅନାଇବ ।

କୂଳ ମୁରୁକି ହସା ମାରି କହିଲା—ହଉ ଦାଦା, ମୁଁ ଯାଉଛି, ଅନ୍ୟଦିନେ ଆସିବି ।

କୂଳ ଚାଲିଗଲା ।

ସରବା ଗାଧୋଇ ଖାଇ କିଣା ସାମଲ୍ ସାଙ୍ଗରେ କାମକୁ ବାହାରି ପଡ଼ିଲା ।

## —ପାଞ୍ଚ—

ଆକାଶରେ ଧୋବ କଇଁ ଫୁଲ୍ ପରି ଜହ୍ନଟା ହସି ଉଠୁଛି । ରାତି ହେଲାଣି କେଜାଣି କେତେ ।

ଧନୁ ସାଇ ଅଗଣାରେ ବସିଛି – ଗମ୍ଭୀରତା ମୁଖ ମଣ୍ଡଳରେ ତାର ଫୁଟି ଉଠୁଛି ।

କଲ୍ୟାଣୀ ସ୍ୱାମୀର ମୁହଁକୁ ଅନାଇଁଲା— ଏ କ'ଣ ? ଏ କି ପରିବର୍ତ୍ତନ ଆଜି ସ୍ୱାମୀର । କିଛି ଠଉରାଇ ପାରିଲା ନାହିଁ ।

ପାଖକୁ ଯାଇ କଲ୍ୟାଣୀ କହିଲା, କ'ଣ ଖାଇବ ନାହିଁକି ? କେତେ ରାତି ହେଲାଣି । କ'ଣ ଏତେ ଭାବୁଛ ମ ? ଅଇନାରେ ତୁମ ଚେହେରାଟି ଦେଖନ୍ତ କିପରି ଦେଖା ଗଲାଣି ? ଭାବନା, ଖାଲି ଭାବନା । କି ଭାବନା ଏତେ ଭାବୁଛ ?

ନାଁ କଲ୍ୟାଣୀ ଭାବିବା ଆଉ କ'ଣ ?

କଲ୍ୟାଣୀ ମନକୁ କଥାଟା ପାଇଲା ନାହିଁ—ମୁହଁରେ କଅଁଳ ହସ ଫୁଟାଇ ସ୍ୱାମୀକୁ ତାର କହିଲା – ସବୁ ଜାଣିଛି ସବୁ ବୁଝୁଛି, ଏତେ ନୁଚ୍ଛ ବଗନା ।

—ନୁଗୁଇ କଣ ରଗିଲ କଲ୍ୟାଣୀ ? ହଁ କହିଲୁ କି ଚିନ୍ତା ମୁଁ କରୁଛି ?

—ଚିନ୍ତା— ଚିନ୍ତା ତୁମର ଅସୀମ । ଭାବନା ତୁମର ଅପାର । ଯାହା ପାଇଁ ଏତେ ତୁମର ଚିନ୍ତା— ଏତେ ତୁମର ଭାବନା ସେ ତେବେ ଅଧେ ତୁମ କଥା ଖୁସି ମନରେ ଭାବିଲଣି ନା ? ତୁମର ପ୍ରାଣ ଏତେ ଛଟପଟ ହେଉଛି ଜାହ୍ନଁକ ? ନେଇ ଗୁଡ଼ କହୁଣିଙ୍କ ବଢ଼ୁ ଯାଇଛି । ଭାଇଟା—ମାଆ ପେଟର ଭାଇ । ଅତି ଆପଣାର । ଘର କରିଥିଲେ କଳି ଝଗଡ଼ା ଲାଗେ । ତା ପାଇଁ କ'ଣ ଟିକେ କଥାରେ ଘର ଛାଡ଼ି ପଳାଇ ଯାଆନ୍ତି ? ବୁଝି ପାରୁନା, ଏକା ଏକା ଙ୍କ ଧନ୍ଦାରେ ଖାଇବାର କାମ କରୁଛ ? ସେଥିରେ ତାର କ'ଣ ଭାଗ ନାହିଁ ? ତେବେ ପୁଣି ଆସି ଦାବୀଦାର ବସିବ... ଏ ମୋର ଜମି, ଏ ମୋର ଘର । ସେଦିନୁ ଗଲାଣି ତାର ଦମାକଟା ଦେଖୁଛ ? ଦେଖୁ ଦେଖୁ ଛଅମାସ ହେଲା । ଖଣ୍ଡେ ଚିଠି ବି ପଠାଇ ନାହିଁ । ଆମେ କ'ଣ ତାକୁ ଘରୁ ବାହାର କରି ଦେଇଥିଲୁ ? ଏଡ଼େଇ ହଟଦେଖା ସେ—ଘରକୁ ଯଦି ଆସେ...... ।

ତୁ—କଲ୍ୟାଣୀ ଏଗୁଡ଼ା କ'ଣ ? ଛୋଟ ଭାଇଟା । ଘର କରିଥିଲେ କଳି ଝଗଡ଼ା ଲାଗେ । ବୁଝି ପାରିଲା ନାହିଁ । ରାଗ ତମରେ ଘରୁ ଗୋଡ଼କାଢ଼ି ଚାଲିଗଲା । ଆପଣାର ଭାଇଟା ରାଗ ତମରେ ଯେଉଁଠିକି ହେଲେ ଯାଇଛି—ତେବେ ତ ଘରକୁ ଫେରିବ ।

କଲ୍ୟାଣୀ ସବୁ ଜାଣେ ସବୁ ବୁଝେ । ତାହାକୁ ସେ ଦୋଷୀ କରିବ ? ତା ଆଖି ସାମନାରେ ବିରାଟ ବଡ଼ ତୋଳା ଛିଡ଼ାହେଲା ଗୋଟାଏ ପ୍ରଶ୍ନ । ସ୍ୱାମୀ ଦୋଷୀ ନାଁ ଦିଅର ଦୋଷୀ ? ଶ୍ୱଶୁର

କ୍ଷେତ୍ରରେ କଲ୍ୟାଣୀ ସରବାକୁହିଁ ଦୋଷୀ ହେଲା । ସ୍ୱାମୀ ହେଲେ ତା'ର ଆପଣାର ।

(ନିଜ କଥା—ନିଜ କାମରେ ଯେତେ ଦୋଷାଦୋଷ ଥାଉ ନା କାହିଁକି ମଣିଷ ତାକୁ ଘୋଡ଼ାଇ ରଖେ )ଏଇଟା ସ୍ୱାଭାବିକ । କଲ୍ୟାଣୀ ତାହାହିଁ କରୁଛି । ତା ବଦଳରେ ସ୍ୱାମୀ ତା'ର ଦୋଷ କରିଥିଲେ ସୁଦ୍ଧା ଆଜି ସେ ଦୋଷ ଦେଇ ପାରିବ ନାହିଁ । କାରଣ ସ୍ୱାମୀ ତାର ନମସ୍ୟ । ସ୍ୱାମୀ ତାର ଦେବତା ।

ଦିନୁ କଲ୍ୟାଣୀର ମୁହଁକୁ ଅନାଇ ମୁରୁକିହସା ମାରି କହିଲା, କଲ୍ୟାଣୀ ଭାତ ଗଣ୍ଡାଏ ଦିଅ । କାହିଁକି ଡେରି କରୁଛୁ ?

କଲ୍ୟାଣୀ ମୁହଁରେ ସ୍ମିତହସ ଫୁଟାଇ କହିଲା, ଗୁରୁଯୁଗ ପିଅଣା ତମେ । ଆପେ ଡେରି କରୁଛ—ଖାଇବାକୁ ଉଠୁନାହିଁ— ମୋର ହେଲା ଦୋଷ ?

ନା—ନା—ତୋର ଦୋଷ ମୁଁ କ'ଣ କହୁଛି ? ହେଲେ ତେବେ ଶୁଣ୍ କଲ୍ୟାଣୀ, ରାତି ଅନେକ ହୋଇ ଗଲାଣି ।

ଦିନୁ ଖାଇ ବସିଲା । ହଠାତ୍ କାହିଁକି ସରବା କଥା ତାର ମନେ ପଡ଼ିଲା । ସାନ ଭାଇଟା । ଏଇ ଘର—ଏଇ ଦୁଆର । ଏଇଠି ଦି' ଭାଇ ଗୋଟାଏ ଥାଳିରେ ବସି ଖାଉ, କଲ୍ୟାଣୀ ଭାତ ପରଶେ । ଛଅ ତରକାରି ନଅ ଭଜା, ନୋହିଲେ ଶାଗ ମୁଗ ଯାହା ଦିଟା ରାନ୍ଧିଥାଏ—ପାଖରେ ଆଣି ଥୋଇଦିଏ । ଆନନ୍ଦ ମନରେ ଦି' ଭାଇ ଖାଇ ବସୁ । କେଡ଼େ ସୁଖ, କେତେ ଆନନ୍ଦ ତହିଁରୁ ମିଳେ । ଆଜି କିନ୍ତୁ ଦିନୁର ମନଟା କେମିତିକା ହୋଇ ଯାଉଛି ।

ସବୁ ଅଛି—ସେହି ଘର—ସେହି ଦୁଆର । ସେହି କଲ୍ୟାଣୀ । ତାକୁ କିନ୍ତୁ ଭଲ ଲାଗୁନାହିଁ କିଛି । ଏକା ଖାଇ ବସିବାକୁ ଅନ୍ତରାତ୍ମା ତା'ର କହୁନାହିଁ । କେମିତି ସେ ଖାଇବ ?

କଲ୍ୟାଣୀର ଅଗୋଚରରେ ଦିନୁ ଆଖିରୁ ନୀରବରେ ତଳେ ପଡ଼ିଲା ଦି' ଟୋପା ଲୁହ । ଅନୁତପ୍ତ ସେ । ପେଟକୁ ତା'ର ଭାତ ଗଲାନି । ଦିନୁ ଭାତ ଥାଳୀ ପାଖରୁ ଉଠିଗଲା ।

କଲ୍ୟାଣୀ କହିଲା, ଏ କଣ, ଖାଇଲ ନାହିଁ ଯେ ?

ଦନୁ ଛଳନା କରି କହିଲା, ପେଟଟା କ'ଣ ହେଉଛି । କଲ୍ୟାଣୀ ସ୍ୱାମୀର ମନ କଥା ବୁଝି ପାରିଲା ନାହିଁ । ସନ୍ଦେହବୋଲା ମନଟା ତାର··· ।

'ରାତି ଅନେକ ହୋଇଗଲାଣି । ଦନୁ ଶୋଇଛି । କଲ୍ୟାଣୀ ଦନୁର ଗୋଡ଼ ଅଙ୍ଗିପି ଦେଉଛି । ଶୋଷା ଜହ୍ନ ଧରଣୀରେ ବାହୁଡ଼ି ହୋଇ ପଡ଼ୁଛି । ସମସ୍ତ ନୀରବ ନିସ୍ତବ୍ଧ । ଝିଁ ଝିଁଟା ନୀରବତା ଭଙ୍ଗକରି ଚିତ୍କାର କରି ଉଠୁଛି । ଘରେ ଦୀପଟି ମିଞ୍ଜି ମିଞ୍ଜି ହୋଇ ଜଳୁଛି । କଲ୍ୟାଣୀ ଦନୁକୁ ପଚାରିଲା, କୁହ, ସତ କରି ତୁମେ କୁହ—ତମର ମୁହଁ କାହିଁକି ଶୁଖି କଳା କାଠ ପଡ଼ିଛି । ମନରେ ହରଷ ନାହିଁ । ସବୁବେଳେ ଭାବନାରେ ବୁଡ଼ି ରହୁଛ । ମନଟାକୁ ସବୁବେଳେ ବିଷାଦ ଆଉ ବିମର୍ଷରେ ବୁଡ଼ାଇ ରଖୁଛ—କୁହ—ନ କହିଲେ ତୁମକୁ ଛାଡ଼ିବି ନାହିଁ ।

କଲ୍ୟାଣୀ କହିଲା, କହିବ ନାହିଁ ମୋତେ ?

—କଣ କହିବି କଲ୍ୟାଣୀ ? ଦେଖୁଛି, ତୁ ବଡ଼ ଜିଦ୍‌ଖୋର ମଣିଷ ।

— ହଁ, ଜିଦ୍‌ଖୋର ମଣିଷ ମୁଁ । ଏବେ ଖୁସି ।

ଧନୁ ମୁହଁରେ ହସ ଫୁଟାଇ କହିଲା, କଲ୍ୟାଣୀ—କ'ଣ ବା ତୋତେ ମନ କଥାଟା କହିବି ? ଆଜି ସରବା କଥା ଭାବିଲେ··· ।

ପାରମ୍ପର ଭାଇଟା । ଗଡର ଖଟାଇ କେତେଥରେ କେତେ କଣ କରୁଥାନ୍ତା । କ'ଣ ନ କଲା ସେ ! ମାଆ ଥିଲାବେଳେ ତା'ର କଥା କାନେ କାନେ ମୋତେ କହୁଛି । ଧନୁ ତୁହି ସାବଧାନ । ସରବା ମୋର ଜିଦ୍‌ଖିଆ ପୁଅଟା । ତାକୁ ନେଇ ଅଣି ଚଳାଇବୁ । ଲୋକେ ଭଲ କହିବେ । ଯେତେହେଲେ ପ୍ରେଟ ଭାଇଟା ତ । ଆଜି ହେଲା କ'ଣ ? ସେତ ନେଇ ଅଣି ଚଳାଇ ପାରିଲା ନାହିଁ ତାକୁ । ସେଥିପାଇଁ ଧନୁ ଅଗପଛ ସବୁ କଥା ଭାବି ମନରେ ପକାଇ ହେଉଛି ।

କେମିତି ସେ ଆଜି ଏକା ଏକା ଚୁପ କାମ କରିବ ? ବୁଦ୍ଧିବଳ ଦିଶୁନାହିଁ । ସେଦିନୁ କୁଳ ପାଖକୁ ଚିଠି ଖଣ୍ଡେ ପଠାଇଲାଣି ଯେ ତା'ର ଉତ୍ତର ନାହିଁ । ଧନୁ ଶୁଣିଛି କଲିକତାଟା ଭାରି ଖରାପ ଜାଗା । ଟିକିଏ ବେହୁସିଆର ହେଲେ ସବୁଶେଷ । ଟଙ୍କା ବୋଲ ଧନ ବୋଲ ଜୀବନ ବୋଲ, ସବୁ ଚାଲିଯାଏ । ଧନୁ ଜାଣେ—ମନଟା ତାର ଚୁଲିଛି । କାଲେ ସରବା······ ।

ସେଦିନ ବନମାଳି ମୋତେ କହୁଥିଲା କଲ୍ୟାଣୀ । ସେ ଘରକୁ ଫେରିଲା ବେଳେ ସରବାକୁ ଧାନମଣ୍ଡଳ ଷ୍ଟେସନରେ ଦେଖି ଆସିଛି । ସରବା କଲିକତା ଗଲାପୁ ଯାଇଛି । ଜାଣିଛ କଲ୍ୟାଣୀ ?

କଲ୍ୟାଣୀ କହିଲା, ହଁ ସେ କଲିକତା ଯାଇଛି—ମୁଁ ପରା ଶୁଣିଛି ପ୍ରତିମା ବାପା ସାଙ୍ଗରେ ଧାନମଣ୍ଡଳ ଷ୍ଟେସନରୁ ସେ

ଗାଣ୍ଡ ଚଢ଼ିଛି । ପ୍ରତିମା ବାପା ତାଙ୍କୁ କୁଆଡ଼େ ବୁଝାଇ କହୁଥିଲେ, ଘରକୁ ଫେରିଯା । ସେ ତା'ଙ୍କ କଥା ଶୁଣିଲା ନାହିଁ — ଜିଦ୍ କରି ତାଙ୍କ ପାଖରୁ ଟଙ୍କା ଧାର କରି ଯାଇଛି । ପୁଣି ସେ ତାଙ୍କରି ପାଖରେ କୁଆଡ଼େ ଚାକିରି କଲାଣି ।

ଧନୁ ଚମକିପଡ଼ି କହିଲା, ସତେ କଲ୍ୟାଣୀ ! କଣାଦାଦା ତାକୁ ସାଙ୍ଗରେ ନେଇଛି ? ତା ପାଖରେ ସେ ଯାଇ କାମ ଧନ୍ଦା କଲାଣି । ମୁଁ ତ ଏସବୁ କଥା ଜାଣେନା । କଣାଦାଦା ବା ପଦେ ଅଧେ ମୋ ପାଖକୁ ଚିଠିରେ ଲେଖିଲା ନାହିଁ ? ଝୋକାଟା ମିଛ ସତ କରି ତାକୁ କଛି କହିଛି — ତା ନ ହେଲେ ଚିଠି ଖଣ୍ଡେ ସେ ଦେଇ ନ ଥାନ୍ତା, ସରବା ମୋ ପାଖରେ କଲରେ ଅଛି କି ମନରେ ଅଛି ।

କଲ୍ୟାଣୀ ବଟାଟା ଚାଞ୍ଚି ଦେଉଁ ଦେଉଁ କହିଲା, ତୁମ ମ-କାହିଁକି ଏତେ ବ୍ୟସ୍ତ ହେଉଛ ? କିଏ କେତେ ବୁଦ୍ଧି ଦେଉଛି ଦେଉଥାଉ । ସବୁ ଦେଖିବା । ରାତି ଅନେକ ହେଲାଣି, ଶୋଇପଡ଼ ।

ତହିଁ ଆରଦିନ ସକାଳ । ସୂର୍ଯ୍ୟ ଆକାଶରେ ହସି ଉଠୁଛି । ଧନୁ ପିଣ୍ଡାରେ ବସି ଦାନ୍ତ ଘଷୁଛି । କଲ୍ୟାଣୀ ସାଇ ଭିତରେ ଘର ଧନ୍ଦାରେ ବ୍ୟସ୍ତ । ଗାଁ ଦାଣ୍ଡରେ ଯାଉଁ ଯାଉଁ ପଡ଼ିହାରୀର ଆଖି ଧନୁ ଉପରେ ପଡ଼ିଲା । ପାକୁଆ ପାଟିରେ ମୁରୁକି ହସା ମାରି ପଡ଼ିହାରୀ କହିଲା, କିରେ ଧନୁ ସରବା କଣ ଦେଖା ନାହିଁ— କଲିକତାକୁ ପଠାଇ ଦେଲୁଣି କିରେ ? ସରବା କଲିକତା ଯାଇଛି କି ଘରେ ଅଛି—ସବୁ କଥା ପଡ଼ିହାରୀ ଜାଣେ । ଜାଣିସିଆଣି ଭଳି କଥା କହୁଛି କପଟି ? ଧନୁ ମନଟା ଚିଡ଼ିଗଲା ।

ଗାଁର ମୁଖିଆ ପଡ଼ିହାରୀ । ହୁଅନ୍ତୁ ନା ମୁଖିଆ—ଧନୁ କହୁଲା, ସରବା କଲିକତା ଯାଇଛି କି କଟକ ଯାଇଛି କ'ଣ ମୋତେ କହୁଛି ଯେ ତୁମକୁ କୈଫିୟତ ଦେବ ?

ପଡ଼ିହାରୀ ଗାଁର ମାମଲତ ବୁଝନ୍ତି । ନାଆଁ ଅଛି—ଧନ ଅଛି । ତାଙ୍କୁ ଏମିତ ଗୋଟାଏ ଅପମାନ ଭଳି କଥା କହିବା ଧନୁ ପକ୍ଷରେ ଅନ୍ୟାୟ ହୋଇଛି । ପଡ଼ିହାରୀଙ୍କୁ ବଡ଼ ବାଧିଲା । ଭଲ କଥାଟା ପଚାରୁ ପଚାରୁ କେମିତି ଗୋଟାଏ ଉତ୍ତର ଏ ଦେଉଛି । ରାଗିଗଲା ପଡ଼ିହାରୀ, ଆଖି ଦୁଇଟା ତା'ର ଲାଲ୍ ପଡ଼ିଗଲା । ଗର୍ଜି ଉଠିଲା ସେ । ଧନୁକୁ କେତେ କ'ଣ କହିଗଲା ତା'ର ଭାଷାରେ । ଧନୁ କାଠ ଭଳିଆ ଛିଡ଼ା ହୋଇ ରହିଲା ତା ପିଣ୍ଡାରେ । କହୁତ ଦେଉଛି—କଣ ବା ସେ ମାରହାଣି କଥା କହୁଛି ? ଧନୁ ସହି ପାରିଲା ନାହିଁ ପଡ଼ିହାରୀର ରଙ୍ଗା ରଙ୍ଗା ଆଖି ଦିଟା । କହିଦେଲା ସେ, ତମ ବାଟରେ ତମେ ଚାଲିଯାଅ ପଡ଼ିହାରୀ ପାଟିଟାକୁ ଖରାପ କରନା । ପଡ଼ିହାରୀ ଗାଁ ଦାଣ୍ଡରେ ଚାଲି ଯାଉଁ ଯାଉଁ ଏତିକି କହିଗଲା, ଅଚ୍ଛା ହଉ ଥା ଧନା, ତୋତେ ମୁଁ ଦେଖିବି ।

ପଡ଼ିହାରୀ ବଡ଼ ଖରାପ ଲୋକ । ଧନୁ ତାକୁ ଭଲ କରି ଜାଣେ । ଗାଁଟାରେ ଯେତେ କିଛି ଅନ୍ୟାୟ ଅତ୍ୟାଚାର ବଢ଼ି ଉଠୁଛି କେବଳ ତା'ରି ପାଇଁ ।

ଏ କଥା ତା ପାଖରେ ତା କଥା ଏ ପାଖରେ କହି ପରଘର ଭାଙ୍ଗିବା ତାର ପେଷା । ଏଣୁ ଧନୁ ଡରିବ କାହିଁକି ? ଭଡ଼ ଭଡ଼ କରି ଦି' କଥା ବତାଇ ଦେଇଛି ସେ । ଏଇମାନେ ଗାଁ ଗୋଟାକୁ ସତ୍ୟାନାଶ କଲେଣି - ସୁନା ଘରକୁ ଭାଙ୍ଗି ଚୂନା କଲେଣି । ଭାଇ ଭାଇରେ ମେଳ ନାହିଁ । ଗୋଟାଏ ଘର ସାତ ଘର ହେଉଛି ।

ତଥାପି ଏହିମାନେ ନାଶ ପୂଲ୍ଲ କହନ୍ତି, ଆମେ ଗାଁର ପ୍ରଭୁ । ବଡ ବାଧିଲା ଧନକୁ—ସକାଳଠାରୁ ଏମିତ କଳି ଝଗଡ଼ା, ସାରା ଧନ ଅଛି......

କଲ୍ୟାଣୀ ଘର ଭିତରୁ ଥାଇ ସବୁ କଥା କାନେଇ କାନେଇ ଶୁଣିଛି । ଧନୁ ଘର ଭିତରକୁ ପଶି ଆସିଲା ହାତରେ ଗାଲଟାଏ ଧରି । କଲ୍ୟାଣୀ ତାଳଟା ଧନୁ ହାତରୁ ନେଇ ନେଇ କହିଲା, ପଡ଼ିହାରୀ କଣ କହୁ ଥିଲେ କି ?

—ପଡ଼ିହାରୀ କ'ଣ କହିବ କଲ୍ୟାଣୀ ? କଳାହୁଡ଼ା ଯେଉଁମାନେ ତାଙ୍କର ଆଉ ପେଷା କଣ ଥାଏ କି ? ଖାଲି ପର ନିନ୍ଦା ପର କୁତ୍ସା ସବୁବେଳେ । କହୁଥିଲା ଅଜଣା କଥା ନୁହେଁ ଜଣା କଥାଟା ।

—ଜଣା କଥାଟା କଣ କହୁନ ?

—କଲ୍ୟାଣୀ ଜଣା କଥାଟା କଣ ଆଉ କହିବି ? ଏଇମାନେ ଜାଣି ଜାଣି ଅଜଣା ହୋଇ କଥା କହନ୍ତି । ନୂଆ ରହୁ ଠେକା ମାରନ୍ତି । ଗୋଟାଏ ଘର ସାତ ଘର କରନ୍ତି । କଳି ନଥିଲେ କଳି ଲଗାଇ ଦଅନ୍ତି । ପଛରେ ରହି ଖୁସି ହୁଅନ୍ତି—ଭାରି ଖୁସି । ଆଗରେ ବସି ମାମଲତ କରନ୍ତି । ଭାରି ଚିଡ଼ ମାଡ଼େ ଅଙ୍କ କଥାରେ । ନଜାଣିଲା ପରି ପଡ଼ିହାରୀ କହୁଛି—ଧନୁ, ସରବା କଣ ଦେଖା ନାହିଁ, କଲିକତାକୁ ପଠାଇ ଦେଲୁଣି କିରେ ? ତା କଥା ଶୁଣି ମତେ ବଡ଼ ଚିଡ଼ ମାଡ଼ିଲା ସବୁ ସେ ଜଣେ—କଥାଟା ଭିଖାରି ବାହାର କରିବା ପାଇଁ ପଚାରି ଥିଲା । ବଡ଼ ରାଗ ହେଲା ତା କଥାରେ । ମୋ ଭାଇଟା ସାଙ୍ଗରେ ଅମେଳ ହୋଇଛି କି କଣ

ଝଗଡ଼ା ହୋଇଛି—କେଉଁଆଡ଼େ ସେ ଗୁଲି ଯାଇଛି । ଯେଉଁଠି ହେଲେ ଥିବତ ? ସ୍ୱା ମୁଣ୍ଡ କାହିଁକି ଏତେ ବଥାଉଛି ! ଅଗ ପଛ ଅଜ ଭାବିଲି ନାହିଁ—ମନଟା ଚିଡ଼ି ଉଠିଲା, କହିଲି— ଖୁବ୍ ଠୋସ୍ କରି କହିଲି, କଲିକତା ଯାଉଛି କି କଟକ ଯାଉଛି କଣ ମୋତେ କହି ଯାଉଛି ତମକୁ କୈଫିୟତ ଦେବ ! ମୋ କଥାରେ ରାଗିଗଲା ପଡ଼ିହାରୀ । ରଙ୍ଗା ରଙ୍ଗା ଆଖି ଦେଖାଇ କେତେ କଣ କହିଗଲା । ଶେଷରେ ଦାଣ୍ଡରେ ଗୁଲି ଯାଉଁ ଯାଉଁ କହି ଯାଉଛି, ଅଚ୍ଛା ଦିନା ଛୋଟେ ମୁଁ ଦେଖିବ । ସେଟା ମୋତେ କଣ ଦେଖିବ ? କହିଲ, କଲ୍ୟାଣୀ ? ତା ନଅର ତଳେ କଣ ବସବାସ କରୁଛି, ମୋତେ ଡରାଇବ ? ରଙ୍ଗା ଆଖି ଦେଖାଇବ ? ଏମିତି କେତେ ଲୋକଙ୍କୁ ଦେଖିଛି ମୁଁ । ଦେଲୁ କଲ୍ୟାଣୀ କଣ ଗଣ୍ଡେ ଖାଇବାକୁ । ଭେଣ୍ଡା ଦାଲୁଅ ବାଲୁଟା ଶୁଖି ଗଲାଣି—ପାଣି ମଡ଼ାଇବାକୁ ହେବ ।

କଲ୍ୟାଣୀ ଗୋଟାଏ ଥାଳୀରେ ପିଠା ଦି'ଫରା ଧନୁ ପାଖରେ ଥୋଇ ଦେଉଁ ଦେଉଁ କହିଲା, ତମେ ଏତେ ବଡ଼ କଥାଟା ପଡ଼ିହାରୀଙ୍କ କହିଦେଲ ସିନା—କାଲେ କୋଉକଥା...... ।

—କାଲେ ତୋ ମୁଣ୍ଡ ।

—ତମେ ସବୁ ଜାଣି ଅଜଣା ହେଉଛ । ଦେଖୁଛତ ଗାଁଟାରେ କି ନାଟ ତାମସା ଲଗାଇଛି ସେ । ବେଟଗମ ଲୋକ ସାଙ୍ଗରେ ବଢ଼ିଲେ ଲାଜଟା କଣ କୁହନ୍ତୁ ? ଅପଣା ଭାଇଟାଭ ଅପେ ଅପେ ଘରଛାଡ଼ି ପଳାଇ ଯାଉଛି—ପର ଦେଖି ହସିବା କଥା । କିଛି ନ କହିଥିଲେ ପଡ଼ିହାରୀକୁ ? କେତେବେଳେ କେଉଁ କଥା—ଏକା ମଣିଷ ।

—ଏତ୍ତା ମଣିଷ ହେଲି ବୋଲି କଣ ନିଜର ଇଜ୍ଜତ ନାହିଁ ?ମାନ ନାହିଁ ? ପିଠା ଖଣ୍ଡେ ପାଟିକି ନେଇ ନେଇ ଧନୁ କହିଲା ।

—ସେ କଥା କିଏ ବୁଝୁଛି ? କୁହନ ।

—ନା କଲ୍ୟାଣୀ—ଏ ସବୁ କଥା ମୋତେ ବଡ଼ ଖରାପ ଲାଗେ । ଜାଣିସିଆଣା ଭଳି ଯେ କଥା କହେ ତା ଉପରେ ମୋ ହାଡ଼ ଗଡ଼ଗଡ଼ ଉଠେ ।

—ହୁଁମ, ଏମାନେ ସବୁ ଜାଣି ସିଆଣା ନୁହନ୍ତି ତ ଆଉ କଣ ? କଳି ଲଗାଇ ଦେବା କଥା ଜାଣନ୍ତି ଖାଲି ।

ଧନୁ ପିଠା ଖାଉଁ ଖାଉଁ କହୁଥିଲା, କଲ୍ୟାଣୀ ପାଣି ଟୋପାଏ ଦେଲା । କଲ୍ୟାଣୀ ପାଣି ଗିଲାସ ଧନୁ ପାଖରେ ଆଣି ଥୋଇଦେଲା । ଧନୁ ତରତର ହୋଇ ଅଧ ଗିଲାସ ପାଣି ଢକ ଢକ କରି ପିଇଦେଲା । କଲ୍ୟାଣୀ ପାନ ଦଖଣ୍ଡେ ଧନୁ ହାତକୁ ବଢ଼ାଇ ଦେଉଁ ଦେଉଁ କହିଲା—ଏତେ ତରତର ହେଉଛ କାହିଁକି ?

—ବୁଝିଲୁ ନାହିଁକି କଲ୍ୟାଣୀ—ଖରା ପରା ମାଡ଼ି ଆସୁଛି—ଖାଣୁଆ ଖରା ଦେହ ମୁଣ୍ଡ ତାତିଯିବ । ଆଗରୁ ଦାରୁଆ ବାଲିକୁ ଯାଇ ଦଶେଣୀ ପାଣି ମଡ଼ାଇବାକୁ ହେବତ ।

ଧନୁ ପାନ ଖଣ୍ଡିକ ପାଟିରେ ପୂରାଇ କିଆରୀ ଆଡ଼େ ଚାଲିଗଲା । କ'ଣ କରିବ ? ବିଲବାରି ଧନ୍ଦା ନ କଲେ ନ ଚଳେ । ପେଟ କିମିତି ପୂରିବ ? ସଂସାରଟି ଗୋଟେ ସଂସାର । ତେଲ ଲୁଣ ନ ହେଲେ ନ ଚଳେ । ଆଇଲା ଗଲା ବନ୍ଧୁ ବାନ୍ଧବ ସବୁ ଦେଖିବାକୁ ପଡ଼ିବ । ଏମିତି କେତେ କ'ଣ କଲ୍ୟାଣୀ ତାକୁ କହେ—ଏତ୍ତା

ଏକା କାହିଁକି ଏତେ ଧନ୍ଦ ହୋଇ କାମ କରୁଛ ? ଜମି କେଇମାଣେ—ଭାଗ ଦେଲେ କଣ ଚଳିହେବ ନା ? ଯାହା ଗଣ୍ଡେ ମିଳିବ—ସେଇ ଆମର ଢେର୍ ।

ଧନୁ ଘର କରିଛି—ଭଲ ମନ୍ଦ ଜାଣିଛି, ଦୁଃଖ ସୁଖ ଅଙ୍ଗେ ନିଭେଇଛି । ମାଇପି କଥାରେ କାହିଁକି ସେ କାନ ଦେବ ? ଆପଣା ଧନ୍ଦାରେ ଲାଗେ ।

ଧନୁ ବିଲରେ ପହଞ୍ଚିଲା । ବୈଶାଖ ମାସର ନିଗଟ ଖରା—ଟିକିଏ ଡେରି ହେଲେ ଗୃହସ୍ଥଙ୍କ ବଡ଼ ବାଧେ । ତଥାପି ଦିହ ମୁଣ୍ଡରେ ମାରି ଚାଷୀ କରେ ମିହନତ । ଜମିରୁ ସୁନା ଫଳାଏ । ଦୁନିଆକୁ ବଞ୍ଚାଏ । ତା ପକ୍ଷରେ ଖରା ବର୍ଷା ସବୁ ସମାନ । ସେହି ଦିହ ଘସିଆ ଅଭ୍ୟାସରେ ଧନୁ ମଧ୍ୟ ଲାଗିଗଲା । ଦାଲୁଅ ଜାଆଁକୁ ପାଣି ମଡ଼ାଉଛି, ଗୋଟାଏ ଝୁଙ୍କରେ । ଗୋଟିଏ ତାଳରେ, ଦୁଅଡ଼କୁ ତା'ର ଲକ୍ଷ୍ୟ ନାହିଁ—ବେଳେ ବେଳେ ମନ ଭିତରେ ତା'ର ଉଙ୍କି ମାରୁଛି, ପଡ଼ିହାରୀର ସେହି କଥାଟା—ଅଚ୍ଛା ଧନା ତୋତେ ମୁଁ ଠିକ୍ କରିବି । କଣ ସେ ଠିକ୍ କରିବ ତାକୁ ?

ଅହୁରି ତଳକୁ ତଳକୁ ମନଟା ତାର ଦବି ଯାଉଛି । ସତେ ଗୁଣ୍ଡିଲଟା କଣ ମୁଁ ନ କଲି ! ସାମାନ୍ୟ କଥାଟା । ଧନୁ ଅସରନ୍ତି ଭାବନା ଭିତରେ ଦେଖୁଛି କେତେ ସ୍ୱପ୍ନ ।

ଭାବନା ତା'ର ଭାଙ୍ଗିଗଲା । ଟାଣୁଆ ଖରା ଫାଟି ପଡୁଛି । ଅନାଇଲା ଆକାଶକୁ । ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲାଣି । ଆଉ କାମ କରି ହେବ ନାହିଁ । ହାତ ତାର ଅଟକି ଗଲା । ଥକ୍କା ହୋଇ ହୁଡ଼ ମୁଣ୍ଡରେ ବସି ପଡ଼ିଲା ଦଣ୍ଡିକ ପାଇଁ । ନା, ବସିଲେ କଣ ହେବ ? ସିଧା ସିଧା ଘରଆଡେ ଆଗେଇଲା ।

ବେଳ ହେଲାଣି କେଜାଣି କେତେ । କଲ୍ୟାଣୀ ରନ୍ଧାବଢ଼ା ସାରି ଧନୁକୁ ଅନାଇଛନ୍ତି—କେତେବେଳେ ଆସିବ ।

ଧନୁ ଘର ଭିତରକୁ ପଶି ଯାଉଁ ଯାଉଁ କହିଲା, କଲ୍ୟାଣୀ ରନ୍ଧାବଢ଼ା ସାରିଲଣି ?

କଲ୍ୟାଣୀ କହିଲେ, ହଁ ରନ୍ଧାବଢ଼ା ସରିଛି—ତମେ ତେଲ ନିଅ, ଗାଧୋଇ ଯାଅ । ବେଲ କେତେ ହେଲାଣି ଦେଖୁଚତ ? ଏତେ ଡେରି ଯାଏଁ ବିଲରେ କାହିଁକି ରହୁଛ ? କଲ୍ୟାଣୀ ତେଲ ଗିନାଟା ଧନୁ ହାତକୁ ବଢ଼ାଇ ଦେଲେ ।

ଧନୁ ଦେହରେ ତେଲ ଲଗାଇ ଲଗାଇ କହିଲା, କଲ୍ୟାଣୀ ମିହନତ ନ କଲେ ଫଳ କେମିତି ଫଳିବ କହନି ? ସବୁବେଳେ ସମୟକୁ ଦେଖିଲେ ଚଳିବ ?

ମୁରୁକିହସା ମାରି କଲ୍ୟାଣୀ କହିଲେ, ହଉ ଯାଅ ଯାଅ, ଏତେ ମିହନତ କରନା ।

ଧନୁ ଗାଧୋଇବାକୁ ଚାଲିଗଲା । ଗାଧୁଆ କାମ ସାରି ଫେରୁଛି, ରାସ୍ତାରେ ପୋଷ୍ଟ ପିଅନ ଚିଠି ଖଣ୍ଡେ ଧନୁ ହାତକୁ ବଢ଼ାଇ ଦେଉଁ ଦେଉଁ କହିଲା, ତମ ଚିଠି ଖଣ୍ଡିକ ନିଅ ।

ଧନୁ ଚିଠି ଖଣ୍ଡିକ ଉପରେ କେଜାଣି କେତେ ଥର ଯେ ଆଖି ପକାଇ ଗଲା ତାର କଳନା ନାହିଁ । ଘର ଭିତରକୁ ପଶି ଯାଉଁ ଯାଉଁ ଧନୁ ଆନନ୍ଦରେ ଅଧୀର ହୋଇ କଲ୍ୟାଣୀକୁ ଚିଠି ଖଣ୍ଡିକ ଦେଖାଇ କହିଲା, କଲ୍ୟାଣୀ କୁଳ ପାଖରୁ ଆଜି ଚିଠି ମିଳିଛି ।

କଲ୍ୟାଣୀର ଅନ୍ତର ଆନନ୍ଦରେ ନାଚି ଉଠିଲା । ଚିଠି ଖଣ୍ଡିକ ଶୁଣିବା ପାଇଁ ମନ ତାର ବ୍ୟଗ୍ର ହୋଇଉଠିଲା ।

ଧନୁ ଲୁଗା ପିନ୍ଧି ସାରି ଚିଠି ଖଣ୍ଡିକ ଖୋଲି ପଢ଼ିଲା । କୁଳ ଲେଖିଛି ।

ଧନୁ ଭାଇ !

ନମସ୍କାର ଗ୍ରହଣ କରିବେ । ନୂଆଭଉଜଙ୍କୁ ମୋର ପ୍ରଣାମ ଜଣାଇବେ । ଆପଣଙ୍କ ଚିଠି ପାଇଥିଲି । ଜବାବ ଦେବାରେ ଡେରି ହୋଇଛି । ମନେ ମନେ କେତେ କଣ ଭାବିଥିବ । କଣ କରିବି ଭାଇ ? ପର ଘର ଚୋକିରୀରେ ଫୁରୁସତ କାହିଁ ? ସରବା କଥା ଶୁଣି ମନଟା ମୋର କେମିତିକା ହୋଇଗଲା । ପ୍ରକୃତରେ ସେ କଲିକତା ଆସିଛି । ମୁଁ ଆପଣଙ୍କ ଚିଠି ପଢ଼ି ବିଶ୍ୱାସ କରିପାରି ନ ଥିଲି । ସେଦିନ ଏମିତି ରାସ୍ତାରେ ବୁଲି ଯାଉଁ ଯାଉଁ ହଠାତ୍ ସରବା ସାଙ୍ଗରେ ମୋର ଭେଟ ହେଲା । ଚିହ୍ନିଲି ତାକୁ ମୁଁ ନିଜ ରକ୍ତ ଯେତେବେଳେ । ସବୁ କଥା ପଚାରିଲି । କାନ୍ଦିଲା । ବୁଝାଇ ସୁଝାଇ କହିଲି ଘରକୁ ଯା । ଯୁଗ ଅନ୍ତରେ ଘରକୁ ଯିବନାହିଁ ବୋଲି କହିଲା । ସେ ବର୍ତ୍ତମାନ କଣା ସାମଲ ପାଖରେ ଅଛି । କାମ ମଧ୍ୟ କରୁଛି । କଣା ସାମଲ ତାର ଖବର ଅନ୍ତର ବୁଝୁଛି । ଆପଣ ତା ପାଇଁ ବ୍ୟସ୍ତ ହେବେନି । ମୁଁ ତାକୁ ବୁଝାଇ ସୁଝାଇ ପରେ ଘରକୁ ପଠାଇ ଦେବି । ଚିଠି ପାଇ ଚିଠି ଦେବେ । ସବୁ କଥା ଲେଖିବେ । ମୋ ପାଇଁ ଚିନ୍ତା କରିବେ ନାହିଁ । ଇତି ।

ସ୍ନେହର

କୁଳ

ଚିଠି ଖଣ୍ଡିକ ପଢ଼ି ଧନୁ ସ୍ୱସ୍ତିର ନିଶ୍ୱାସ ମାରିଲା । ଯା ହେଉ ସରବା କଲିକତାରେ ଅଛି । ଧନେହେଲେ ମନ ମେଜାଜ ଭାବ ବଦଳିଲେ ଅସିବ ଯେ ।

କଲ୍ୟାଣୀ କହିଲା, ମୁଁ ପରା କହୁଥିଲି ତୁମକୁ—ସରବା କଲିକତାରେ ଅଛି । କ'ଣ ହେଲା ?

ଧନୁ କହିଲା, ହଁ କଲ୍ୟାଣୀ ତୋ କଥାଟି ସତ ।

ଅଜି ଧନୁ ମନଟା ଭାରି ଅନନ୍ଦ । ଖାଇ ବସିଛି ସେ । କଲ୍ୟାଣୀ ଅଗରେ ପଛରେ ଭାତ ତରକାରି ପରସିବାରେ ବ୍ୟସ୍ତ । ଧନୁ ଖାଇ ସାରିଲା ।

କଲ୍ୟାଣୀ କହିଲା—ଅଉ କ'ଣ ?

ନାହିଁ କଲ୍ୟାଣୀ ଅଉ କଣ ? ଚିଠି ଖଣ୍ଡେ ଅଜି କୁଳ ପାଖକୁ ଲେଖିବାକୁ ହେବ । ଦେଲି ସେ ଘର ଅଧକାନ୍ତି ଉପରେ ବୁଅଡ କଲମ ଅଛି ।

କଲ୍ୟାଣୀ ବୁଅଡ କଲମ ଅଧକାନ୍ତି ଉପରୁ ଅଣି ଧନୁ ହାତକୁ ବଢ଼ାଇ ଦେଲା । ଧନୁ ଘରେ ଥିବା କେଉଁ କାଳର ପୁରୁଣା ବସ୍ତାନୀରୁ କାଗଜ ଖଣ୍ଡେ ବାହାର କରି ଚିଠି ଲେଖି ବସିଲା ।

ଚିଠି ଲେଖା ସରିଲା । କୁଳ ପଠାଇ ଥିବା ଟିକଟ ମରା ଖାମ ଭିତରେ ଧନୁ ଚିଠି ଖଣ୍ଡିକ ପୁରାଇ ବନ୍ଦ କରି ଦେଉ ଦେଉ କହିଲା, କଲ୍ୟାଣୀ ! ତମର କିଛି କହିବାର ଥିଲା କି ?

କଲ୍ୟାଣୀ କହିଲା କଣ ଚିଠି ବନ୍ଦ କରିସାରି ପଚାରୁଛ ?

ଧନୁ ଚିଠିକୁ ଅନାଇ ଦେଇ କହିଲା, ଓଃ ସତେତ ! ପୁନରାୟ ଚିଠି ଖଣ୍ଡିକ ଖାମ ଭିତରୁ ବାହାର କରି ଧନୁ କହିଲା, ଏବେ କଣ କହିବୁ କହ କଲ୍ୟାଣୀ ।

କଲ୍ୟାଣୀ ମୁହଁରେ ମିଠା ହସ ଖଣ୍ଡେ ଫୁଟାଇ କହିଲା, ଥାଉ ଥାଉ ଚିଠି ବନ୍ଦ କରିଦିଅ । କ'ଣ ମୁଁ ଅଧିକ ବା କହିବି ? ତମେ ତ ସବୁ ଲେଖି ଦେଇଛ ।

ଧନୁ ଚିଠି ଖଣ୍ଡିକ ଧରି ପୋଷ୍ଟ ଅଫିସ ଅଭେ ଗ୍ଲଲିଗଲା ।

## —ଛଅ—

ସରବାର କଲିକତା ଆସିବା ଆଠ ମାସ ହୋଇ ଗଲାଣି ।
ଆଠ ମାସ ନୁହେଁ—ଆଠ ବର୍ଷ ପରି ଲାଗୁଛି ତାକୁ । ରାଗ ଭରରେ
ସେ ଏ ପର୍ଯ୍ୟନ୍ତ ଘରକୁ ଚିଠି ଖଣ୍ଡେ ବି ଦେଇ ନାହିଁ । ଭାଇ
ଭାଉଜ କଣ ତାକୁ କହୁଥିବେ ?

ଭାଇ ତା'ର କେତେ କଷ୍ଟ ପାଇ ବିଲ ବାଡ଼ିର ଧନ୍ଦା ଏକା
ଏକା କରୁଥିବ । ସବୁ କଥା ଆଖି ଆଗରେ ତା'ର ନାଚିଗଲା ।
ଜାଡ଼ ମାଡ଼ିଲା ସରବାକୁ । ଚାରିଆଡ଼କୁ ଅନାଇଲା । ନିସ୍ତବ୍ଧ—
ସୁନଶାନ୍ । କେହି କୁଆଡ଼େ ନାହାନ୍ତି । ଏ କ'ଣ ! ସେ ଏଠି
କାହିଁକି ଶୋଇଛି ? ଏତ ତାର ବସାଘର ନୁହେଁ ? କିଏ ଦାଦା
ପାଖରେ ତାର ତ ନାହିଁ ! କିଛି ଠଉରାଇ ପାରିଲା ନାହିଁ ସରବା ।
ରାତି ହେଲାଣି ବାରଟା । ମୁଣ୍ଡ ତା'ର କଣ ହୋଇଗଲା । ଅଜ୍ଞ ସେ
କଣ ଭାବି ହୋଇଛି କିଛି ଠିକ୍ କରି ପାରୁନାହିଁ । ଘର ଗ୍ରାମ
ଭାଇ-ଭାଉଜ ସବୁ କଥା ମନକୁ ଆଜି ତା'ର ଅସ୍ଥିର କରି
ପକାଇଲାଣି । ବ୍ୟସ୍ତ ଖାଲି ବ୍ୟସ୍ତ । ମଝିରେ ମଝିରେ ପାଖରେ

ଥିବା ଅନ୍ୟାନ୍ୟ ରୋଗୀମାନଙ୍କର କରୁଣ ଚିତ୍କାରରେ ସରବା ଚମକି ପଡ଼ୁଛି — ଉଦ୍‌ଭ୍ରାନ୍ତ ହୋଇ ନିଜର ଅଙ୍ଗ ପ୍ରତ୍ୟଙ୍ଗକୁ ଥରେ ଅନାଇଲା ସେ । ଏ କଣ ? ତା' ଗୋଡ଼ରେ ଯେ ପଟି ବନ୍ଧା ଯାଇଛି । ସକାଳ କଥା ମନେ ତା'ର ପଡ଼ିଲା । ହରସନ ରୋଡ଼ ଛକ । ଶାରପୁର ଗୋଦାମକୁ ମାଲ ନେଇଯିବା ବେଳେ ସରବା ଉପରେ ଗୋଟାଏ ମାଲ ବୁହା ଲରି ଚଢ଼ିଗଲା । ଅଚେତ୍ ହୋଇ ଗାଡ଼ିର ଚକାତଳେ ସେ ପଡ଼ିଗଲା । ତାପରେ କଣ ହେଲା ତାର ମନେ ନାହିଁ । ସେ ଆଜି ହସପାତାଲର ରୋଗୀ । ସତେ—ସତେ କଣ ତାର ଗୋଡ଼ ଭଲ ହୋଇଯିବ ! ସତେ ସେ ଘରକୁ ଯାଇ ଭାଇ ଭାଉଜଙ୍କୁ ତାର ଦେଖିବ ? ଭାବନାରେ ଅସ୍ଥିର ତାର ମନ ।

ଚାବି ଦିଆଯାଇଥିବା ଟାଇମ୍‌ପିସ୍ ଘଣ୍ଟାଟାର ଆଲାରମ ବାଜି ଉଠିଲା ଟିଙ୍ଗ୍ ଟିଙ୍ଗ୍ ଟିଙ୍ଗ୍ ।

ସରବାର ଛାତି ଭୟରେ ଥରି ଉଠିଲା । ହଲଚଲ ହେବାର ଜୋ ନାହିଁ । ସେ ଚିତ୍କାର କରି ଉଠିଲା, ବାପରେ ମରିଗଲି । କି ଭୟଙ୍କର ସେ ଚିତ୍କାର !

ନର୍ସ ପାଖ କାମେରାରୁ ଧାଇଁ ଆସିଲା ।

ସରବା ନର୍ସକୁ ଦେଖି ନୀରବ ହୋଇ ଆଗପରି ଖଟିଆରେ ପଡ଼ି ରହିଲା ।

ନର୍ସ ମନରେ ସନ୍ଦେହ ହେଲା । ରୋଗୀ ଏପରି ଚିତ୍କାର କରିବାର କାରଣ କଣ ? ସରବା ପାଖକୁ ଲାଗି ଲାଗି ତୁଲ୍-ଗୁଡ଼ିଏ ଖଟିଆ ପଡ଼ିଛି । ଗୋଟିକରେ ଟାଇଫଡ୍ ରୋଗୀ ଅନ୍ୟ ତିନୋଟିରେ କଳାଜ୍ୱର ମେଲେରିଆ ରୋଗୀ । ସ୍ୱପ୍ନରେ ଜଳ ଜଳ

କର ଅନାଇଛନ୍ତି—କାହାର ଅଖିକୁ ନିଦ ନାହିଁ । ଯନ୍ତ୍ରଣାର ପେଷଣ ତଳେ ଜର୍ଜ୍ଜରିତ ହେଉଥାନ୍ତି ସେମାନେ ।

ନର୍ସ ଥରେ ସବୁ ରୋଗୀମାନଙ୍କ ଉପରେ ଆଖି ପକାଇ ନେଲା । କାଲେ କେହି...... । କିଛି ବୁଝି ପାରିଲା ନାହିଁ ସେ ।

ଆପଣାର କର୍ତ୍ତବ୍ୟ ପାଳନ କରି ନିର୍ଦ୍ଦିଷ୍ଟ ସମୟ ମୁତାବକ ନର୍ସଟି ପ୍ରତ୍ୟେକ ରୋଗୀମାନଙ୍କୁ ଔଷଧ ଖୁଆଇ ସେମାନଙ୍କର ସେବା ଶୁଶ୍ରୂଷା କରି ଚାଲିଗଲା ।

ତହିଁଆର ଦିନ ଠିକ୍ ସେତିକିବେଳେ ସେହି ନର୍ସଟି ସରବାର ଖଟିଆ ପାଖରେ ପହଞ୍ଚି, ପଚାରିଲା ସରବାକୁ, ଆଜି କିପରି ଅଛ ? ସରବା କହିଲା, ଟିକେ ଭଲ ଅଛି ।

ନର୍ସ କହିଲା, ହଁ ତୁମେ ଖୁବ୍ ଶୀଘ୍ର ଭଲ ହୋଇଯିବ । କୌଣସି ଚିନ୍ତା କରନାହିଁ । ନିଅ ଏ ଔଷଧ ପିଇ ଦିଅ ।

ନର୍ସ ଦେଇଥିବା କାଚ ଗ୍ଲାସଟିରେ ଲାଲ ଲାଲ ଔଷଧ ଟୋପାକ ଆଖି ବୁଜି ସରବା ଦ' ଢୋକରେ ପିଇଦେଲା ।

ନର୍ସ ପାଖରେ ଥିବା ଅନ୍ୟ ରୋଗୀମାନଙ୍କ ପାଖକୁ ଚାଲିଗଲା । ସରବା ନର୍ସଟିର କାର୍ଯ୍ୟ କଳାପକୁ ଲକ୍ଷ୍ୟ କରି କିଛି ବୁଝି ପାରିଲା ନାହିଁ । ଏ ସ୍ତ୍ରୀ ଲୋକଟି ତାର ସେବା କାହିଁକି ଏତେ କରୁଛି ?

ସକାଳ ହେଲାଣି । ମେଡ଼ିକାଲ୍ ହସପିଟାଲ୍‌ର ସବୁ ଡିପାର୍ଟ-ମେଣ୍ଟ ଗୁଡା ଖୋଲି ଗଲାଣି । କିଏ କେତେ ପ୍ରକାର ରୋଗୀ—ରୋଗର ଉପଶମ ପାଇଁ ଡାକ୍ତରଙ୍କୁ ପରୀକ୍ଷା କରାଇବା ଉଦ୍ଦେଶ୍ୟରେ ନମ୍ବର ଦେଇଛନ୍ତି । ଭୀଷଣ ଭିଡ ।

ବିସ୍ତୃତ ପଡ଼ିଆ ସେଇ ହସ୍‌ପିଟାଲର ବିରାଟ ହତା । ପରିଷ୍କାର ପରିଚ୍ଛନ୍ନ । ସକାଳ ସୂର୍ଯ୍ୟର ଝାପ୍‌ସା ଆଲୋକ ପଡ଼ୁଛି ।

ସେଇ କଅଁଳ ଆଲୋକରୁ କେରାଏ ବିନ୍ଦୁ ଢୋଇପଡ଼ୁଛି—ସରବା ଯେଉଁ ଘରେ ଶୋଇଛି ସେଇ ଘର ଭିତରେ । କାଲି ଅପେକ୍ଷା ଆଜି ଦେହ ଟିକେ ତା'ର ଭଲ ଲାଗୁଛି । ଗୋଡ ବନ୍ଧା ଜମ ଅଛି ।

ସରବା ଖଟିଆରେ ଚିତ୍ ହୋଇ ଶୋଇ ଅନାଇଛି ଝରକା ପଡ଼ିଆକୁ । ଭାବୁଛି କେତେ କ'ଣ । ମନେ ପଡ଼ୁଛି ତା'ର ସବୁ କଥା ଘର, ଗ୍ରାମ, ଭାଇ, ଭାଉଜ ।

ସରବାର ଭାବନା ଭାଙ୍ଗି ସାମନାରେ ଛିଡ଼ା ହୋଇଗଲେ କଣା ସାମଲ । କରୁଣ ବୋଲା ମୁହଁରେ କଣା ସାମଲ ସରବା ପାଖକୁ ଯାଇ ପଚାରିଲେ -- ସରବା କେମିତି ଅଛୁ ? ଶେଷକେ ଏହା କି ଭାଗ୍ୟରେ ଥିଲା ?

ସରବା ଲାଜ ପକାଇଲା । କି ଦୁର୍ଯୋଗରେ ସେ ଭଲ ଗୋଡ ଭାଙ୍ଗି ଆସିଥିଲା କେଜାଣି—ତାକୁ ଏମିତ ଦଣ୍ଡ ଭୋଗ କରିବାକୁ ହେଲା ।

ସରବା କହିଲା, କଣା ଦାଦା, ମୋ ଭାଗ୍ୟ କଥା । ତୁମେ କଣ କରିବ ? କଣା ସାମଲ ଦେଖିଲେ ସରବାର ଡାହାଣ ଗୋଡ଼ରେ ଗୋଟାଏ ପଟି ବନ୍ଧା ଯାଇଛି । ଗୋଡ଼ ତାର ନିଶ୍ଚୟ ଭାଙ୍ଗି ଯାଇଛି । କଣା ସାମଲର ମନଟା କେମିତିକା ହୋଇଗଲା । ଆଜ ସରବା ପାଖରେ ଛିଡ଼ା ହୋଇ କହିବାକୁ ମନ ହେଲା ନାହିଁ । କଣା ସ.ମଲ ଦୀର୍ଘ ନିଶ୍ୱାସ ପକାଇ କହିଲେ, ସରବା, ମୁଁ ଯାଉଛି ।

ସରବା କହିଲା, ହଉ ତୁମ ଯାଅ ।

ସେଦିନ କଣା ସାମଲ ଚାଲିଗଲା । ତହିଁ ଆରଦିନ ପୁଣି ଆସିଲା ସରବାକୁ ଦେଖିବାପାଇଁ । ଏମିତି ରୋଜ ରୋଜ ସେ ଆସେ । ସରବାକୁ ଦେଖି ଚାହିଁ ଯାଏ ।

ଦେଖୁ ଦେଖୁ ଏଥି ମଧ୍ୟରେ ମାସ ଦୁଇଟା କଟିଗଲାଣି । ସରବା ଗୋଡ଼ରେ ବନ୍ଧା ଯାଇଥିବା ବ୍ୟାଣ୍ଡେଜ ଖୋଲି ଦିଆଗଲାଣି । ଗଣ୍ଠିରେ ସାମାନ୍ୟ ଆଘାତ ଲାଗିଥିଲା । ଭଲ ହୋଇ ଗଲାଣି ତାର ଗୋଡ଼ ।

ସେଦିନ ଡାକ୍ତର କଣ ଗୋଟାଏ ଚିଠି ଦେଖାଇ ସରବାକୁ କହିଲେ ତାକୁ ଆଉ ଏଠାରେ ରହିବାକୁ ହେବ ନାହିଁ । ଏଣିକି ତା ବସାକୁ ଯାଇପାରେ । ସରବା ମନରେ ଭାରି ଆନନ୍ଦ । ସେ ଭଲ ହୋଇଗଲାଣି । ଆଉ କାହିଁକି ସେ ହସପାତାଳ ଖଟିଆରେ ପଡ଼ି ରହିବ ? ତାକୁ ଆଉ ଏ ସବୁ ଭଲ ଲାଗୁ ନାହିଁ । ସେଦିନ ମନ ଖୁସିରେ ସରବା ବସିଛି, କଣା ସାମଲ ପହଞ୍ଚିଲା—ତା ସାଙ୍ଗରେ ଜୁଲି । ଜୁଲି ମଝିରେ ମଝିରେ ସରବାକୁ ଦେଖିବା ପାଇଁ ଆସେ ।

ସରବା ଏ ଦୁଇଜଣଙ୍କୁ ଦେଖି ଖଟିଆରୁ ଉଠିପଡ଼ି ବାହାର ବାରଣ୍ଡାକୁ ଚାଲି ଆସିଲା ।

କଣା ସାମଲ ପଚାରିଲା, କଣ ଖବର ସରବା ?

ସରବା କହିଲା, ନା ଖବର କଣ ? ଡାକ୍ତର କହୁଛି, ଏଣିକି ମୁଁ ବସାକୁ ଯାଇ ପାରିବି । ମୋ ଗୋଡ ଭଲ ହୋଇଗଲାଣି ।

କଣା ସାମଲ ସରବା ଗୋଡକୁ ଥରେ ଭଲ କରି ଅନାଇଲା । ଗୋଡରୁ ପଟି ମଧ୍ୟ ଖୋଲି ଦିଆଯାଇଛି । ସରବା ଭଲେ ଗୋଡ ଲଗାଇ ପାରୁଛି ।

କଣା ସାମଲ ସରବା ଗୋଡରେ ହାତ ବୁଲାଇ ବୁଲାଇ କହିଲା, ଦରଜ କିଛି ନାହିଁତ ସରବା ?

ସରବା କହିଲା, ନା ।

କଣା ସାମଲ କହିଲା, ଡାକ୍ତର କେବେ ଯିବାକୁ କହନ୍ତି ?

ସରବା କହିଲା, ଏହାର ଭିତରେ କେବେ ଦିନେ ।

କଣା ସାମଲ ପକେଟରୁ ଚିଠି ଖଣ୍ଡେ ବାହାର କରି ସରବା ହାତକୁ ବଢ଼ାଇ ଦେଇ ଦେଇ କହିଲା, ଦନୁ ଭାଇ ତୋର ଦେଇଛନ୍ତି ।

ସରବା ଖୋଲି ଲଫାପାଟାରୁ ଚିଠି ଖଣ୍ଡେ ବାହାର କରି ପଢ଼ିଲା । ଦନୁ ଭାଇ ତା'ର କଣା ସାମଲ ପାଖକୁ ଲେଖିଛି:—

କଣାଦାଦା !

ଅନେକ ଦିନ ହେଲାଣି, ତୁମେ କଲିକତା ଗଲ, ଖଣ୍ଡେ ଚିଠି ବି ତୁମ ପାଖରୁ ମିଳିଲା ନାହିଁ । କଣ ବା ଲେଖିବି ? ଲେଖି ବସିଲେ ଆଖିରୁ ଲୁହ ଅସୁଛି । ଆଜି ସରବାର ଏପରି ଦୁଃସମ୍ବାଦ ପାଇ ପ୍ରାଣ ମୋର କାନ୍ଦଉଠୁଛି । ମାଆ ପେଟର ଭାଇଟା ରାଗ ଭରରେ ଘରୁ ଗୋଡ଼ କାଟି ବିଦେଶକୁ ପଳାଇ ଗଲା । କିଏ ଜାଣିଥିଲା ତା ଭାଗ୍ୟରେ ଏପରି ଘଟିବ ବୋଲି ? କେମିତି ସେ ଗାଡ଼ିରେ ଚପା ପଡ଼ିଲା ? ଚିଠିରେ ଲେଖିବ । ମୁଁ ଶୁଣିଲା ଦିନରୁ ଶୋକଶୋଷ ତା ପାଇଁ ଭୁଲି ଗଲିଣି । ବର୍ତ୍ତମାନ ସେ କେମିତି ଅଛି ? ତାର ତତ୍ତ୍ୱ ନେଇ ମୋତେ ଜଣାଇବ । ଫେରନ୍ତା ଚିଠିକୁ ଚାହିଁ ରହିଲି । ନଚେତ ମୁଁ ତୁମ ପାଖରୁ କିଛି ଖବର ନପାଇଲେ କେଉଁ ଆଡେ ଘର ସଂସାର ଛାଡ଼ି ପଳାଇ ଯିବି । ମୋ ଧଣି ସରବାକୁ ନିଜର ବୋଲି ଭାବି ତାର ତତ୍ତ୍ୱ ନେବ । ଇତି ।

ତୁମର

ଦନୁ

ସରବା ଚିଠି ଖଣ୍ଡିକ ଥରେ ନୁହେଁ — ଦ'ଥର ନୁହେଁ କେତେ ଥର ଯେ ପଢ଼ିଗଲା — ତାର ଠିକଣା ନାହିଁ । ଯେତେ ଥର ଯେ ଚିଠି ପଢ଼ୁଥାଏ, ସେତେ ଥର ତାର ଅନ୍ତର ଭିତରେ କ୍ରୋଧ ବଢ଼ି ଉଠୁଥାଏ । ଆଜି ସେ ସମ୍ଭାଳି ରହି ପାରିଲା ନାହିଁ । ହୃଦୟର ବିସ୍ଫୋଟ ବନ୍ଧ ଫିଟାଇ ସରବାର ଦି' ଆଖିରୁ ଝରି ପଡ଼ିଲା ଠପ୍ ଠପ୍ କେତେ ଟୋପା ଲୁହ ।

କଣା ସାମଲ କହିଲା — କି ସରବା, କାନ୍ଦୁଛୁ ? ପାଗଳାଟା କରେ ? ସରବା ଆଖିରୁ ଲୁହ ପୋଛିଲା ।

କଣା ସାମଲ କହିଲା ସରବା ସମୟ ହୋଇଗଲାଣି । ଆମେ ଯାଉଛୁ, କାଲି ସଞ୍ଜରେ ଆସିବୁ ।

ସରବା ଚିଠି ଖଣ୍ଡିକ କଣା ସାମଲ ହାତକୁ ବଢ଼ାଇ ଦେଇ ଦେଇ କହିଲା, ହଉ ।

କଣା ସାମଲ ଆଜି ବୁଲି ଗଲେଣି ।

କିଛିକ୍ଷଣ ପରେ ସେହି ଚାହାଁ ତରୁଣୀ ନର୍ସଟି ସରବାର ଶୋଇଥିବା ଖଟିଆ ପାଖକୁ ଆସି ହସ ହସ ମୁହଁରେ କହିଲା, କେମିତି ଅଛ ? ସରବା ମୁହଁରେ ଟିକେ ପ୍ରତିହସ ଫୁଟାଇ କହିଲା, ଭଲ ଅଛି । ବଡ଼ ଡାକ୍ତର ଆସିଥିଲେ ସେ କହିଯାଇଛନ୍ତି ଏଠି ଆଉ ରହିବାକୁ ହେବ ନାହିଁ — ମୋର ଦେହ ଭଲ ହୋଇ ଗଲାଣି । ମୁଁ ମୋ ବସାକୁ ଫେରି ଯାଇ ପାରିବି ।

ବ୍ୟର୍ଥଭରା କରୁଣ ମୂର୍ଚ୍ଛନା ଫୁଟାଇ ସରବା ନିର୍ନିମେଷ ନୟନରେ ଚାହିଁ ରହିଲା ନର୍ସର ମୁହଁକୁ ।

ନର୍ସଟି ଦରଦ ମିଶା ସ୍ୱରରେ କହିଲା, ହଁ ତୁମକୁ ଏଠାରେ ଆଉ ରହିବାକୁ ପଡ଼ିବ ନାହିଁ—ଅର୍ଡ଼ର ଆସିଛି ତୁମେ କାଲି ଠାରୁ ଚାଲିଯିବ ।

କାଲିଠାରୁ ଚାଲିଯିବ । ସବିତାର ମନ ଓ । କେମିତିକା ହୋଇଗଲା । ଏହି ନର୍ସଟି, ମାସ ଦି'ଟା ଭିତରେ କେତେ ଯେ ମୋର ସେବା ଆସି ନ କରିଛି । ଔଷଧ ନ ଖାଉଥିଲେ, ଜୋର କରି ମୋ ଦେହ ଭଲ ହୋଇ ଯିବ ବୋଲି, କେତେ ଭଣ କହି ଔଷଧ ନ ଖୁଆଇଛି । ଆଜି ସତେ ସେ ତାକୁ ଛାଡ଼ି... ।

କରୁଣବୋଲା କଣ୍ଠରେ ସବିତା ସେହି ନର୍ସଟିକୁ କହିଲା, ମୋ ଜୀବନକୁ ତୁମେ ଆଜି ବଞ୍ଚାଇଲ । ତୁମର ସେବା ଯତ୍ନରେ ମୁଁ ପ୍ରକୃତରେ ଆଜି ନୂଆ ଜୀବନ ପାଇଲି । ତୁମର ସେବା ଯୁଗେ ଯୁଗେ ଭୁଲି ପାରିବି ନାହିଁ । ମୋ ପରି ଅଧମ ତୁମକୁ କଣ ଦେଇ ଯେ ସନ୍ତୁଷ୍ଟ କରିବ ତାହା ଭାବି ପାରୁନାହିଁ । ଈଶ୍ୱର ତୁମର ମଙ୍ଗଳ କରନ୍ତୁ । ସବିତା ଆଉ କିଛି କହି ପାରିଲା ନାହିଁ । କଣ୍ଠ ତାର ରୁଦ୍ଧ ହୋଇଗଲା ।

ନର୍ସଟି କହିଲା, ନା, ତା ନୁହେଁ—ମୁଁ ମୋର କର୍ତ୍ତବ୍ୟ କରିଛି । ଏମିତି ସବୁ ରୋଗୀଙ୍କ ପ୍ରତି କରିଥାଏ । ସମସ୍ତଙ୍କର ଏମିତି ସେବା ଯତ୍ନ କରେ । ନର୍ସଟି ଏହି ପଦକ କହି ଅନ୍ୟ ରୋଗୀମାନଙ୍କ ପାଖକୁ ଚାଲିଗଲା ।

ସବିତା ତା ଖଟିଆରେ ଶୋଇ ଶୋଇ ଭାବିଲା, କେତେ କେଜାଣି ସେ ଭାବନା । କାଲିରେ ବସାକୁ ଫେରିବ । ହସପାତାଳର ମାସ କେତେଟାର ମମତା— । ଏହି ନର୍ସ, ଏହି ଡାକ୍ତର । ସମସ୍ତଙ୍କୁ ସେ ଛାଡ଼ିଛି— ସମସ୍ତଙ୍କୁ ନତମସ୍ତକରେ ପଛ ଦେଖୁଛି ।

ଉହୁଁ ଅରଦନ ସକାଳ । ଲାଲ ସୂର୍ଯ୍ୟ ଆକାଶରେ ହସି ଉଠିଲାଣି । ଶୀତ ଦିନର କୁହୁଡ଼ ଘୋଟିଲା ପରି ଅଦିନିଆ କୁହୁଡ଼ି ଗୁଡ଼ାକ ଘୋଟି ଯାଉଛି ଆକାଶରେ । ଦିନ ବାର ହେଉନି ।

ସରବା ଖଟିଅରୁ ଉଠି ବସିଛି । ଆଜି ସେ ବସାକୁ ଫେରି ଯିବ—ବସି ବସି ଭାବୁଛି । କାଣା ସାମଲ କଥା । କୁଳଭାଇ କଥା । ସକାଳୁ ଅସିବେ ବୋଲି କହିଥିଲେ ।

କାଣା ସାମଲ ସକାଳ ଆଠଟାରେ ପହଞ୍ଚିଲା । ସରବାକୁ ସାଙ୍ଗରେ ଆଜି ସେ ନେଇଯିବ ।

ପୁନରାୟ ହାସପିଟାଲ୍‌ର ବଡ଼ ଡାକ୍ତର ସରବାକୁ କହିଗଲେ, ତୁମେ ଏଣିକି ତୁମ ଘରକୁ ଯାଇପାର ।

ସରବା କୃତଜ୍ଞତା ପ୍ରକାଶ କରି କହିଲା, ହେଉ ଆଜ୍ଞା ।

ସରବା ମୁହଁରେ ଆନନ୍ଦର ହସ ଫୁଟି ଉଠୁଛି । ଥରକ ପାଇଁ ସେ ଡାକ୍ତର ବାବୁଙ୍କୁ କରୁଣ ଗୃହାଣୀରେ ଅନାଇ ରହିଛି । ଧନ୍ୟ ଡାକ୍ତର ଧନ୍ୟ ଏମାନେ······ । ସରବା ମୁଣ୍ଡରେ କ୍ଷଣକ ପାଇଁ କେତେ ଭାବନା ଖେଳି ଯାଉଛି ।

ଦେଖୁ ଦେଖୁ ମାସ ଦିଟା କଟି ଗଲାଣି । ଦିନ କେତେଟା ପରି ଲାଗୁଛି । ବାସ୍ତବିକ୍ ଏ ଗୋଟାଏ ସଂସାର । ସୁଖର ନୁହେଁ, ଦୁଃଖର । କାହା ଘର କେଉଁଠି । ଦୈବ ଦୁର୍ବିପାକରେ ହେଉ ବା ନିଜର କର୍ମାର୍ଜିତ ଫଳରୁ ହେଉ ଦାରୁଣ ରୋଗର ଯନ୍ତ୍ରଣା ଭୋଗ କରେ ମଣିଷ । ସେଥିରୁ ସୁଧାରିବାକୁ ମଣିଷ ଲୋଡ଼େ ଅନ୍ୟର ସାହାଯ୍ୟ । ଅସେ ହସପିଟାଲକୁ । ରୋଗ ଭଲ ହୋଇଯାଏ—ମଣିଷ ଅରୋଗ ହୋଇଯାଏ । ଏଇ ମଣିଷର କୋମଳ ପରଶରେ,

ସମସ୍ତଙ୍କ ଜୀବନ ଡୋରି ଏଇ ଡାକ୍ତର ଆଉ ନର୍ସମାନଙ୍କ ହାତରେ ବନ୍ଧା । ଧନ୍ୟ ଏମାନଙ୍କର ଜୀବନ—ଧନ୍ୟ ଏମାନଙ୍କର ସାହାସ । କେତେ ଦୁସାଧ୍ୟ ରୋଗକୁ ଭଲ ଏମାନେ ନ କରୁଛନ୍ତି ? କେତେ ଲୋକଙ୍କର ଅମୂଲ୍ୟ ଜୀବନକୁ ବଞ୍ଚାଇ ନ ଦେଉଛନ୍ତି ଏମାନେ ! ସରବା କଣା ସାଙ୍ଗରେ ଫାଟକ ବାହାରକୁ ଆସୁ ଆସୁ ତା ଦି' ଆଖିରୁ ଦି' ଟୋପା ଲୁହ ଗଡ଼ି ପଡ଼ିଲା ଗାଲ ଉପରେ ।

ପିନ୍ଧା କାନିରେ ଲୁହ ପୋଛୁ ପୋଛୁ ସରବା କହିଲା, କଣା ଦାଦା, ଗୋଟିଏ ରିକ୍ସା ଗାଡ଼ି ଡାକ ।

କେତେ ରିକ୍ସା ଚାଳକ ଘଣ୍ଟି ଟିଂ ଟିଂ କରି ଛୁଟି ଚାଲିଛନ୍ତି ।

କିଛିକ୍ଷଣ ପରେ ଗୋଟାଏ ରିକ୍ସ ମେଡ଼ିକାଲ ସାମନାରେ ଲାଗିଲା । ସେଥିରେ ଆରୋହୀ କେହି ନ ଥିଲେ ।

କଣା ସାମଲ ସରବାକୁ ସେହି ରିକ୍ସାଟିରେ ବସାଇ ତା ବସା ଅଭିମୁଖରେ ଯିବାପାଇଁ ରିକ୍ସା ଚାଳକଟିକୁ କହିଲା ।

ରିକ୍ସା ଗଣ୍ଡି ଛୁଟି ଚାଲିଲା—ବଡ଼ ବଜାର ଦିଗରେ ।

## —ସାତ—

କଲ୍ୟାଣୀ ବିଷର୍ଣ୍ଣ ବଦନରେ ଧନୁକୁ କହିଲା, ତମେ ଶୁଣିଲଣି ନା କ'ଣ ହୋଇଛି ?

ଧନୁ କହିଲା, କଣ ହୋଇଛି କଲ୍ୟାଣୀ ?

—ତମେ ଜାଣିବ କେମିତି, ଘରଭୁଇଁ ପାଣି ଅଣ୍ଟିଏ ହୋଇ ଗଲାଣି ଯେ ।

—ଅରେ କଥାଟା ଆଗ କହ । ଏମିତି ଗୁଡ଼ାଏ କ'ଣ ବକି ଯାଉଛ ମ ।

କଲ୍ୟାଣୀ କହିଲା ପଡ଼ିହାରୀ ତମ ନାଁରେ ମୋକଦ୍ଦମା କରିଛି । ଭୁଚ୍ଛା କଥାରେ—ତମେ ବଢ଼ିଲ ତା ସାଙ୍ଗରେ । କେବେକାର କଥା, ସେ କହୁଥିଲା ପରା ଜବତ କରିବ ? ହେଲେ ଜବତ କରିବା ଭାବ କଲା ।

—ପଡ଼ିହାରୀ ମୋକଦ୍ଦମା ମୋ ନାଅଁରେ କରିଛି ? ତୋତେ କିଏ କହୁଥିଲା କଲ୍ୟାଣୀ ?

—ମୋତେ କଏ କହିବ—ଗାଁ ସାରା ଲୋକେ ଜାଣିଲେଣି ।

—କାହିଁକି ? କଣ ମୁଁ ତାର ଅପରାଧ କଲିକି ମୋନାଆଁରେ ମୋକଦ୍ଦମା କରୁଛି ସେ ?

—କ'ଣ ଅପରାଧ କଲ ? ଜାଣିନା ତମେ ? ଜାଲିକାର ଫିସାଦିଆ ପଡ଼ିହାରି ଯେଉଁମାନେ, ତାଙ୍କୁ କ'ଣ ବେଶୀ ସମୟ ଲାଗିବ ଏଣୁ ତେଣୁ ଦି' ପାଞ୍ଚ କଥା ଲଗାଇ ମୋକଦ୍ଦମା କରି ଦେବାକୁ ?

ଦିନୁ ଦୀର୍ଘ ନିଶ୍ୱାସ ପକାଇ କହିଲା, ଓଃ, ମିଛକଥା ଲଗାଇ ମୋ ନାଆଁରେ ମୋକଦ୍ଦମା କରୁଛି ? ଅଛୁ, ଉପରେ ଭଗବାନ ଅଛି କଲ୍ୟାଣୀ ।

ଗାଁର ମୁଖିଆ ପଡ଼ିହାରି—ପଇସା ଅଛି । ହେଲେ କଣ ହେବ ତାର ଏଇ ସ୍ୱଭାବଟା ବଡ଼ ମନ୍ଦ । ମିଛ କଥାକୁ ସତ, ସତ କଥାକୁ ମିଛ କହି ନାଇଁ କଳିଝଗଡ଼ା ଲଗାଇ ଥାଏ ଗାଁଟାରେ ।

ଦିନୁ ଭାବୁଛି କାହିଁକି ତାକୁ ଏମିତି କଥା ସେ କହିଦେଲା । ସେହି କଥାକୁ ମନେ ରଖି ଆଜ ତାକୁ ସେ ବିପଦରେ ପକାଇବାକୁ ଧାଇଁଛି ।

ବିପଦ । କି ବିପଦ ? ମୁଁ ତାର କିଛି ଅପରାଧ କରିନି ତ । ମୋ ନାଆଁରେ ମୋକଦ୍ଦମା । ଦିନୁର ଭାବନା— ଅଧିକ ବଢ଼ି ଉଠିଲା ।

ତହିଁ ଆରଦିନ ସକାଳ । କଟକ କଚେରୀରୁ ପିଆଦାଟାଏ ଆସି ପହଞ୍ଚିଲା । ଦିନୁ ହାତକୁ ସମନଟାଏ ଧରାଇ ଦେଇ କହିଲା, ସେ ପଡ଼ିହାରିର ଜମି ଜବରଦଖଲ କରି ତା ସାଙ୍ଗରେ ମାଡ଼ପିଟ କରି ଥିବାରୁ ପଡ଼ିହାରି ତା ନାଆଁରେ ମୋକଦ୍ଦମା କରିଛି ।

ଦିନୁ ବୁଝିଲା ମୋକଦ୍ଦମାର କାରଣଟା କଣ । ନିହାତି ମିଛ କଥାଟା, ସେ ତାହାଙ୍କ ପଡ଼ିଶାଘରର ଜମି ଜବରଦଖଲ କରନ୍ତା— ମାଡ଼ପିଟ କରନ୍ତା । ଶୁଣି ମୁଣ୍ଡ ତା'ର ଘୂରିଗଲା । ଏମିତି ମିଛ ପୁଣି ମଣିଷ ମୁହଁରେ ଅସେ ?

ଦିନୁ ସମନ ଧରିଲା ।

କଚେରୀ ପିଅଦାଟା ଚାଲି ଗଲାଣି ।

ଦିନୁ ମୁଣ୍ଡ ଗୁଣା ଯୋଡ଼ ଖାଇଲା । ମିଛେ ମିଛେ ଏମିତି ପୁଣି ତା ଭାଗ୍ୟରେ ଅକାଳ ଚଢ଼କ ପଡ଼ିବ ସେ ଜାଣି ନ ଥିଲା । ଗରିବ ମୁଣ୍ଡ । ଯାହା ଯେପରି ଜମିବାଡ଼ି ଅଛି—ଆପଣାର ଗୁଜୁରାଣ ଚଳିବା ମୁସ୍କିଲ । ମାଲିମୋକଦ୍ଦମା ପାଇଁ ଟଙ୍କା ସେ କାହୁଁ ପାଇବ ?

ଗାଁର ଯିଏ ନାହିଁ ସିଏ ଆସି କହିଲେ, ଦିନୁ ତୁ ପଡ଼ିଶାଘର ହାତ ଓଠ ଧରି କଥାଟାକୁ ମେଣ୍ଟାଇଦେ । କିବା କଥାଟା ।

କଣ ସେ ଫନ୍ଦିସାଲା ଘର ମେଣ୍ଟାଇ ଦେବ ? କିଛି ବୁଝି ପାରିଲା ନାହିଁ । ମୁଣ୍ଡଟା ତା'ର ଗରମ ହୋଇଗଲା । ସେ କାହାର କଥାରେ କାନ ଦେଲା ନାହିଁ— ଆଖିରୁ ଲୁହ ଗଡ଼ାଇ କହିଲା, ଉପରେ ଭଗବାନ ଅଛି ।

ସଞ୍ଜ ହୋଇ ଆସିଲାଣି । ଦିନୁ ଘର ଭିତରେ ବସିଛି । ସତେକି ଚେହେରା ବଳିଷ୍ଠ ବପୁ ତାର ଝଡ଼ି ପଡ଼ିଲାଣି ଚିନ୍ତାରେ । କଲ୍ୟାଣୀ ସ୍ୱାମୀର ଏପରି ଚେହେରା ଦେଖି ଅଧୀର ହୋଇ ପଡ଼ିଲାଣି । ବିପଦରେ ଅସ୍ଥିର ହେଲେ ଚଳିବ ନାହିଁ । ଯାହା

ଯେତେବେଳେ ହେବ । ଚିନ୍ତା ଗୋଟା କଣ ? ମନ ଭିତରୁ କିଏ ଯେପରି ତାକୁ ସାହାସ ଦେଇ କହୁଛି ।

କଲ୍ୟାଣୀ ସ୍ୱାମୀର ଶୁଖିଲା ମୁହଁକୁ ଥରେ ଅନାଇ କହିଲା, ତମେ କାହିଁକି ଏତେ ଚିନ୍ତା କରୁଛ ? ଏଇ ଗୋଟାଏ କଥା— ଏଥିପାଇଁ ପୁଣି ଚିନ୍ତା ? ଦେଖାଯିବ । ଆମର କେହି ସାହା ନାହିଁ ସେହି ଭଗବାନ ଛଡ଼ା । ଟଙ୍କା ପଇସା ପାଇଁ ଚିନ୍ତା କରନା । ଅଭାବ ହେଲେ ମୋ ଦେହର ଗହଣାଗଣ୍ଠି ବିକାଭାଙ୍ଗି ମୋକଦମା ଖର୍ଚ୍ଚରେ ଲଗାଅ । ମୋ ରାଣଟି ତମେ ଏତେ ଚିନ୍ତା କରନା । ତୁମର ଭାବନା ଦେଖିଲେ ମୋ ଆଖିରୁ ଲୁହ ଆସୁଛି । କେତେ ସୁନ୍ଦର ଚେହେରା ଅସି କ'ଣ ହେଲାଣି ତୁମର ।

ଦିନୁ କଲ୍ୟାଣୀ ମୁହଁକୁ ଥରେ ଅନାଇ, ମୁହଁରେ ଟିକେ ଶୁଖିଲା ହସ ଫୁଟାଇ କହିଲା, କଲ୍ୟାଣୀ ଭାବିଲେ ପ୍ରକୃତରେ କିଛି ହେବ ନାହିଁ । ତଥାପି ଅବୁଝା ମନଟା ମୋଟେ ବୁଝୁ ନାହିଁ— ଲୋକଟାର ଆଚରଣ କଥା ଭାବିଲେ········

—ଲୋକଟାର ଆଚରଣ କଥା ତମେ କ'ଣ ଜାଣି ନ ଥିଲ ? ଆଜି ଜାଣୁଛ ? ତା ଆଚରଣ ନୂଆ କଥାଟା ନୁହେଁ—ଅତି ପୁରୁଣା । ସେଦିନ ଦେଖିଲ ତ ପାଣ୍ଡୁ ସାହୁକୁ କ'ଣ କଲା ? ପଇସା ବଳରେ ସବୁ ସେମାନେ କରି ପାରନ୍ତି । ଦୁନିଆରେ କ'ଣ ବିଚାର ଅଛି ?

ଦୀର୍ଘ ନିଃଶ୍ୱାସ ପକାଇ ଦିନୁ କହିଲା, ହଁ କଲ୍ୟାଣୀ ଏ କଥାଟା ନିହାତି ସତ । ଦୁନିଆରେ ବିଚାର ନାହିଁ । ବିଚାର ଥିଲେ, ଏତେ ଅନ୍ୟାୟ ଅତ୍ୟାଚାର କ'ଣ ବଢ଼ି ଉଠୁଥାନ୍ତା ?

—ହଉ ତମେ ଖାଇବ ଗୁଲି, କଲ୍ୟାଣୀ କହିଲା । ସବାଙ୍କୁ ସେମିତି କଣ ଗଣ୍ଡେ ଖାଇ ଉଠି ପଳାଇଲ ଭାତ ଥାଳୀ ପାଖରୁ । ଏମିତି ଅସ୍ଥିର ହେଲେ ଚଳିବ ? ମୋ କଥା ମାନ—ତମେ ମୋଟେ ସେ ବିଷୟ ଚିନ୍ତା କର ନାହିଁ । ଯାହା ଘଟିବ ଘଟୁ ପଛକେ ।

ଧନୁ କହିଲା, ହଁ କଲ୍ୟାଣୀ ତାହାତ ଠିକ୍ । କିନ୍ତୁ...... ।

—କିନ୍ତୁ ଆଉ କଣ ?

—ହେଉ ଦେଖୁନୁ ପଦେ ପଦେ କଥାର ମାମଲତ—ନିଜ ମାଆ ପେଟର ଭାଇଟା କ'ଣ ସେ ନ କଲା ? ଅପେ ଅପେ ଲୁଚି ଛପି ଘରୁ ଗୋଡ଼ କାଢ଼ି ପଳାଇ ଗଲା ବିଦେଶକୁ । ଶେଷରେ ଗାଡ଼ିରେ ପୁଣି ଚପା ପଡ଼ିଲା । କହୁଁ କହୁଁ ଧନୁ ଆଖିରୁ ଲୁହ ଦି' ଟୋପା ଗଡ଼ି ପଡ଼ିଲା । ତା କଥା ଆଜି ଭାବିଲେ ଆଖିରେ ଲୁହ ଆସୁଛି । ପିଲା କାଳରେ ଲୁହ ପୋଛୁ ପୋଛୁ ଧନୁ କହିଲା. ଆଉ ବଞ୍ଚି ରହି ଥିଲେ ଏମିତି ପୁଣି ବିପଦ ଭୋଗ କରିବାକୁ ହୁଏ କଲ୍ୟାଣୀ । ଏଇ କଥାର ଖିଅ ଧେନି—ସେଦିନ ମୁଁ କିବା କଥାଟା କହିଲି ପଡ଼ିବାଗିକା ଯେ ତାର ପୁଣି କାରସାଦ ।

× × × ×

ମୋକଦ୍ଦମା ତାରିଖ । ଧାନ ଗୁଡ଼ିକ ବିକି ଧନୁ ଦୁଇଜଣ ସାକ୍ଷୀ ଯୋଗାଡ଼ କରି ବାହାରି ପଡ଼ିଲା କଚେରୀକୁ । କ'ଣ କରିବ ? ନିଜ ଦାନାକୁ କାଟି ପର ପୋଷିବାକୁ ତାର ମୋଟେ ଇଚ୍ଛା ନୁହେଁ ।

— ଖାଲି ଇଜ୍ଜତ ପାଇଁ ସେ······ । ଯେତେବେଳେ ଯାହା ଘଟିବ-ଘଟୁ, ପଛେ ସେ ମୋକଦ୍ଦମାରେ ଲଢ଼ିବ ।

କୋର୍ଟକୁ ଯିବା ଦନୁର ଏହା ସର୍ବ ପ୍ରଥମ । ସେ ଜୀବନରେ କେବେ ମାଲି ମୋକଦ୍ଦମା କରିନାହିଁ । କିମ୍ବା କୋର୍ଟ କଚେରୀ ମାଡ଼ି ନାହିଁ । ଶୁଣିଛି ସେ କୋର୍ଟ କଚେରୀ ମାମଲାରେ ଯିଏ ପଡ଼ନ୍ତି —ତାର କେବେ ମଙ୍ଗଳ ହୋଇନି । ଅଳ୍ପ ଜାଣୁ ଜାଣୁ ସିଏ ବି ପଡ଼ିବାକୁ ଯାଉଛନ୍ତି । ପ୍ରଥମେ ଦନୁ କଚେରୀ ଦୁଆରେ ନ ପହଞ୍ଚୁଣୁ ମୋହରର୍, ଓକିଲ କେତେ ପ୍ରକାର ପରାମର୍ଶ ତାକୁ ଦେଲେ । କେତେ ପ୍ରକାର ବୁଦ୍ଧି ତାକୁ ଶିଖାଇଲେ । ମୁଣ୍ଡ ତା'ର ଭଣ ହୋଇଗଲା ।

ଅଉ ଉପାୟ କିଛି ନ ପାଇ ଓକିଲ ପରାମର୍ଶ ମୁତାବକ ସେ ମୋକଦ୍ଦମାରେ ଲଢ଼ିବ ।

କଚେରୀ ବସିଛି । ଓକିଲ୍ ମାନେ ମିସଲ ଭିତରେ କେତେ ପ୍ରକାର ମୋକଦ୍ଦମା ନେଇ ବ୍ୟସ୍ତ । ପାଖରେ ଥିବା ଲାଇବ୍ରେରୀ ରୁମ୍ ଖୋଲା ପଡ଼ିଛି । ବଡ଼ ବଡ଼ ଆଇନ ବହି ଆଲମିରା ଭିତରୁ କାଢ଼ି ଓକିଲମାନେ ଆଇନ୍ ପଇଣ୍ଟ ଦେଖିବାରେ ଲାଗିଛନ୍ତି । କଚେରୀ ଘର ଘୋ ଘୋ କମ୍ପୁଛି । ଅପଣା ଅପଣା କାମରେ ସମସ୍ତେ ବ୍ୟସ୍ତ । ଦନୁର ମୋକଦ୍ଦମା ବରୁର ହେଲା ।

ଉଭୟ ତରଫର ଓକିଲ ଜେରାକଲେ ।

ଦନୁ ଅପଣା କଥା କହିଲା ।

ପ୍ରତିବାଦୀ ନିଜର ଫେରାଦ କରିଥିବା ଅଭିଯୋଗରେ ସାକ୍ଷୀ ପ୍ରମାଣ ଦେଖାଇଲା ।

ଦିନୁର ସାକ୍ଷୀମାନଙ୍କୁ ଜେରା କରାଗଲା । ସେମାନଙ୍କର ଯାହା କହିବାର କଥା କହିଲେ । ମାତ୍ର ସିଦ୍ଧାନ୍ତ ହେଲା ନାହିଁ । ମୋକଦ୍ଦମା ତାରିଖ ହୋଇଗଲା ।

ଦିନୁ ହାତରେ ନେଇଥିବା ଟଙ୍କା କୋଡ଼ିଏଟି ଭାଗ ବାଣ୍ଟିଲା ପରି ଓକିଲ ମୁହୁରୀର ଓ ସାକ୍ଷୀମାନଙ୍କୁ ଦେଇ ଦେଇ ଶେଷ କରିଦେଲା ।

ବିରସ ମନରେ ଦିନୁ ଘରକୁ ଫେରିଲା । ସାତଦିନ ପରେ ପୁଣି ମୋକଦ୍ଦମା ବସିବ ।

ଘରେ କଲ୍ୟାଣୀ ଆଗରେ ସବୁ ଗୋଟି ଗୋଟି କରି କହିଲା । କଲ୍ୟାଣୀ ଜାଣେ ମାଲି ମୋକଦ୍ଦମା ଭଲ ନୁହେଁ । ତଥାପି ଜାଣି ଜାଣି ଆଜି ମାଲି ମୋକଦ୍ଦମା ଜାଲରେ ପଡ଼ିବାକୁ ହେଲା ।

କ'ଣ ସ୍ୱାମୀକୁ କହିବ ସେ ? କଲ୍ୟାଣୀ ଏତିକି କହିଲା, ଯାହା ଯେମିତି କରୁଛ କର—କରିବା ଆଗରୁ ଟିକେ ଭଲ ଲୋକର ପରାମର୍ଶ ନେଇ ଚାଲିବ ।

ଦିନୁ କହିଲା, କଲ୍ୟାଣୀ ! ମୁଁ ଗୋଟାଏ ଦିନରେ କଚେରୀ ଭିତରେ ପଶି ଯାହାକୁ ଦେଖିଲି ସେଥିରେ ଭଲ ଲୋକ କେହି ନାହାନ୍ତି । ସମସ୍ତେ ଅଛନ୍ତି ଠକ । ପରଡଣ୍ଡି ଚପି ଆପଣା ପେଟକୁ ବଢ଼ାଉଛନ୍ତି । ନିରୀହ ମାନଙ୍କୁ ଠକାଇ ତାଙ୍କୁ ବସ ବାସରୁ ଉଠାଉଛନ୍ତି । ଏଇମିତି ଖେଳ ଦିଇନ ସେଠି ଚାଲିଛି । ଜାଣିଥିଲେ······ ।

—ଜାଣିବାକୁ ବାକିଥିଲା ଏତିକି, ନୁହେଁ ? —କଲ୍ୟାଣୀ ଥଟ୍ଟା କରି ଦିନୁକୁ କହିଲା ।

ଦିନୁ ମୁହଁରେ ଗମ୍ଭୀର ଭାବ ଫୁଟାଇ କହିଲା, ହଁ କଲ୍ୟାଣୀ ଏତକ ମୋର ଜାଣିବାକୁ ବାକି ଥିଲା ।

ଦେଖୁ ଦେଖୁ ଦିନ ସାତଟା କୁଆଡ଼େ ଗଳି ପଡ଼ିଲା । ପୁଣି ମୋକଦ୍ଦମାର ତାରିଖ । ଦିନୁ ହାତରେ ଟଙ୍କା ପଇସା ନାହିଁ । କଣ କରିବ ? ବସି ଭାବୁଛି ।

କଲ୍ୟାଣୀ ବୁଝି ପାରିଲା ଆଜି ମୋକଦ୍ଦମା ତାରିଖ । ସ୍ୱାମୀ ବୋଧେ ଟଙ୍କା ଯୋଗାଡ଼ କରି ପାରିନି । ଯାହା ଯେମିତି ହେଉ ଟଙ୍କା ଯୋଗାଡ଼ କରି ଦେବାକୁହିଁ ହେବ । କଲ୍ୟାଣୀ ଘର ଭିତରକୁ ଚାଲି ଗଲା । ଯାହା ଯେଉଁଠି ଗୋଟାଏ ଦି'ଟା କରି ଟଙ୍କା କେତେଟା ସାଇତି ରଖିଥିଲା ଦିନୁ ହାତକୁ ବଢ଼ାଇ ଦେଲା ଆଣି । ଦିନୁର ଶୁଷ୍କ ପୂର୍ଣ୍ଣ ବଦନରେ କ୍ଷଣକ ପାଇଁ ହସ ଟିକେ ଫୁଟି ଉଠିଲା । ହାତରେ ଟଙ୍କା କେତେଟା ଗଣୁ ଗଣୁ ଦିନୁ କଲ୍ୟାଣୀ ମୁହଁକୁ ଅନାଇ କହିଲା, କଲ୍ୟାଣୀ ତିରିଶ ଟଙ୍କା !

କଲ୍ୟାଣୀ କହିଲା ହଁ ତିରିଶ ଟଙ୍କା ।

—ଏତେ ଟଙ୍କା କେଉଁଠୁ ଆଣିଲୁ କଲ୍ୟାଣୀ ?

—ଶ୍ଳେଷ କର । ଏତେ ଟଙ୍କା କେଉଁଠୁ ଆଣିଲି ? ତୁମରି ଟଙ୍କା, ତୁମରି ଘରେ ଥିଲା—ଘର ଖର୍ଚ୍ଚରୁ କାଟିକୁଟି ଏତେକ ବଞ୍ଚାଇ ରଖିଥିଲି । ସାଇତି ରଖି କଣ ହେବ ? ନିଅ ମୋକଦ୍ଦମା ଖର୍ଚ୍ଚରେ ଲଗାଅ ।

ଦିନୁ ପ୍ରାଣରେ ସାହସ ଖେଳିଗଲା । ବସି ଏଣୁ ତେଣୁ ଭାବିବାକୁ ତାକୁ ଆଉ ସମୟ ନାହିଁ । ସାକ୍ଷୀ ମାନଙ୍କୁ ଧରି କଚେରୀକୁ ବାହାରି ପଡ଼ିଲା ।

ଯଥା ସମୟରେ ମୋକଦ୍ଦମା ବିଚାର ଚାଲିଲା । ଧନୁ ଭାବିଥିଲା ଯାହା ହେଉ ଆଜି ନିଶ୍ଚୟ ମୋକଦ୍ଦମା ନିଷ୍ପତ୍ତି ହୋଇଯିବ । ମାତ୍ର ନିଷ୍ପତ୍ତି ହୋଇ ପାରିଲା ନାହିଁ ।

ପଡ଼ିହାରି ଓକିଲ ମୁକ୍ତିୟାର ମାନଙ୍କୁ ଟଙ୍କା ହାତଗୁଞ୍ଜା ଦେଉଛନ୍ତି । ତାରିଖ ପରେ ତାରିଖ କରି—ଯେପରି ସେ ଧନୁକୁ ଖର୍ଚ୍ଚାନ୍ତରେ ପକାଇ ହଇରାଣ କରିବ ।

ମୋକଦ୍ଦମାର ବିଚାର ପୁଣି ପନ୍ଦର ଦିନ ଘୁଞ୍ଚି ଗଲା ।

ଧନୁ ହାତରେ ଅଣିଥିବା ତିରିଶଟି ଟଙ୍କା ଆଜି ବି ସେମିତି କେଉଁଆଡେ ଉଡ଼ିଗଲା । କିଛି ସେ ବୁଝି ପାରିଲା ନାହିଁ । କଣ କରିବ ? ମୁଣ୍ଡରେ ହାତଦେଲା । ସାକ୍ଷୀ ମାନଙ୍କୁ ଅଗରେ ବିଦାୟ କରିଦେଲା ବାଟ ଖର୍ଚ୍ଚ ଟଙ୍କା ଦେଇ । ପରେ ଘରକୁ ଫେରୁ ଫେରୁ କେତେ କଣ ଭାବନା ମନରେ ତାର ଉଙ୍କି ମାରିଲା । ଦିନ ସାତଟାର କଥା । ଷାଠି ପଚାଶ ଟଙ୍କା ଆଣି କେଉଁଆଡ଼େ ଉଡ଼ାଇ ଦେଲାଣି । କଣ ଆଜି ସେ କରିବ ? ମୋକଦ୍ଦମାରେ ଲଢ଼ିବା ପାଇଁ ସେ ଟଙ୍କା କେଉଁଠୁ ପାଇବ ? ଅଭାବ । ସବୁବେଳେ ତାର ଅଭାବ । ଆଜି ତେଲ ନାହିଁ ତ କାଲି ଲୁଣ ନାହିଁ । ଛୋଟ ସଂସାରଟିକୁ ଚଳେଇବା ତା ପକ୍ଷରେ କାଠିକର ପାଠ ହୋଇ ଯାଇଛି । କଲ୍ୟାଣୀ ପରି ସ୍ତ୍ରୀ ପାଇଁ ସିନା ଆଜି ଯାଏ ତାର ଭାବନା ନଥିଲା । ସେ ବା ଆଜି କଣ କରିବ ? ତା କଥା ଭାବୁ ଭାବୁ ଧନୁ ନୀରବରେ କାନ୍ଦ ପକାଇଲା । କଲ୍ୟାଣୀ ଆଜି ଅନ୍ତଃସତ୍ତ୍ୱା । ପେଟରେ ତା'ର ଶିଶୁ । ୭ ମାସ ହୋଇ ଗଲାଣି । ଆଉ ମାସ କେତେଟା । ରାତି ହେଲାଣି କେତେ । ଅସରନ୍ତି ଭାବନା ଭିତରେ ଧନୁ ଘରେ ପହଞ୍ଚିଲା । ଭାବିଥିଲା କଲ୍ୟାଣୀ ବୋଧେ ଖାଇ ପିଇ ଶୋଇ ଯିବଣି ।

କିନ୍ତୁ କଲ୍ୟାଣୀ ଖାଇ ନାହିଁ, କି ଶୋଇ ନାହିଁ – ଘରେ ଦୀପଟା ଜଳୁଛି । ନୀରବରେ ଏକା-ଏକା ବସିଛି ।

ଦିନୁକୁ ଦେଖି କଲ୍ୟାଣୀ ଉଠି ପଡ଼ିଲା । ପାଣି ଗୋଟାଏ ଦେଲା ଗୋଡ ଧୋଇବାକୁ । ଦିନୁ ଗୋଡ଼ ଧୋଇ ସାରି ଗାମୁଛାରେ ଗୋଡ ପୋଛୁ ପୋଛୁ କହିଲା, କଲ୍ୟାଣୀ ତୁ ଖାଇ ନାହୁଁ ?

—ନା ।

—ଏତେବେଳ ଯାଏ ଖାଇନୁ ?

—ଖାଇବି ତ । ତୁମେ ପରା ନଥିଲ ।

ଦିନୁକୁ ଖାଇବାକୁ ନ ଦେଇ କେବେ ଦିନେ ଅଗକେଇ ହୋଇ କଲ୍ୟାଣୀ ଭାତ ଖାଏ ନାହିଁ । ଆଜି ବା କେମିତି ଖାଇବ ?

କଲ୍ୟାଣୀ କହିଲା, ଖିଆ ତ ହେବ । ଆଗ ତମ ମାମଲା କଣ ହେଲା କୁହନ୍ତ ।

ଦିନୁ ଅବଲା ଗଳାରେ କହିଲା, କ'ଣ ହେବ କଲ୍ୟାଣୀ ? ଖାଲି ହଇରାଣ ହେବା କଥା । ପଇସା ତ ପାଣି ପରି ଖର୍ଚ୍ଚ ଚାଲିଛି । ଫଳ କିଛି ନାହିଁ—ପୁଣି ତାରିଖ ହୋଇଯାଇଛି । ପନ୍ଦର-ଦିନ ପରେ ମୋକଦ୍ଦମାର ତାରିଖ ପଡ଼ିବ । ପୁଣି ସାକ୍ଷୀ ଦରକାର । ଟଙ୍କା ଦରକାର ।

ଏହିପରି ତାରିଖ ପରେ ତାରିଖ ହେବାକୁ ଲାଗିଲା । ମୋକଦ୍ଦମା ଛିଡ଼ିଲା ନାହିଁ । ଦିନୁର ଯାହା ଯେମିତି ଘରକରଣା ଜାଗା ଥିଲା ସବୁ ବନ୍ଧକ ମୋକଦ୍ଦମା ଖର୍ଚ୍ଚରେ ଲଗାଇଲା ।

କଲ୍ୟାଣୀର ହାତ ଗୋଡ ସବୁ ଫୁଲି ଗଲା । କଣ କରିବ ? ଶେଷରେ ଜମିବାଡ଼ି ଯାହା ଯେ ମାଣେ ଥିଲା ତାକୁ ବନ୍ଧକ ଦେଲା । ତଥାପି ମୋକଦ୍ଦମା ମେଣ୍ଟିଲନାହିଁ । ସବୁବେଳେ ଦରକାର ହେଉଛି ଟଙ୍କା । ଏତେ ଟଙ୍କା ସେ କାହୁଁ ପାଇବ ? ପତିହାସ୍ତି ସାଙ୍ଗରେ ଆଉ ଲଢ଼ି ପାରିବ ନାହିଁ । ଏଥର କୁହା ବୋଲା କରି ମୋକଦ୍ଦମାଟା ରଫା କରି ନେବ । ଭାବୁଛି । ଭାବନା ତା'ର ଅସରନ୍ତି । ଆଖିରୁ ଝର ଝର ହୋଇ ଝରି ପଡ଼ୁଛି ଲୁହ । ଅନ୍ୟାୟ,କପଟ ଅନ୍ୟାୟ । ଧର୍ମର କ'ଣ ଏହି ବିଚାର । ମନକୁ ତାର ବଡ଼ ବାଧିଲା ।

ରାତି ହେଲାଣି କେଜାଣି କେତେ । ବର୍ଷା ଗାଉଛି ଅବିରାମ । ଘରେ ବତୀ ଜଳୁ ନାହିଁ । କଲ୍ୟାଣୀ ଆସନ୍ନପ୍ରସବା । ବଡ କଷ୍ଟ ଅନୁଭବ କରୁଛି ସେହି ଅନ୍ଧାର ଘର ଭିତରେ । ପାଖରେ ତାର କେହି ନାହିଁ ।

ଧନୁ କଲ୍ୟାଣୀର ଏପରି ଅବସ୍ଥା ଦେଖି ଧୈର୍ଯ୍ୟ ହରାଇ ବସିଲାଣି । ତାକୁ ଉପାୟ କିଛି ଦେଖା ଯାଉନି । କଣ କରିବ ? ଦୁଃଖ ଯେତେବେଳେ ଆସେ ତା'ର ଙ୍ଗାଗ ସାଥିକୁ ଘେନି ଆସେ । ଦୁଃଖ । ଏମିତି କେତେ ଦୁଃଖ ଧନୁ ଦାନ୍ତ ଚାପି ସହିଛି । କିନ୍ତୁ ଆଜି ସେ ସହି ପାରିବନାହିଁ । କଲ୍ୟାଣୀର ଦୁଃଖ ଆଜି ସେ ଜୀଅନ୍ତା ମଣିଷ ରୂପରେ ଦେଖି ପାରିବ ନାହିଁ । ହାୟରେ କପାଳ । ମୁଣ୍ଡରେ ହାତ ଦେଇ ଥକ୍କା ହୋଇ ବସି ପଡ଼ିଲା ଧନୁ ।

ସେଘରୁ କୁଆଁ କୁଆଁ ରାବ ଶୁଭିଲା । ଅନ୍ଧାର,କପଟ ଅନ୍ଧାର । ପିଲା ଛୁଆ ବୁଢ଼ା ବୁଢ଼ୀ ଜମା ହୋଇ ପଡ଼ିଲେ । ସମସ୍ତଙ୍କ ମୁହଁରେ ହସ ଫୁଟିଉଠିଲା । ଧନୁର ଗୋଟିଏ ପୁଅ ।

ଦିନୁ କାଷ୍ଠ ସ୍ଥାଣୁ ପରି ବସି ରହୁଥାଏ ଗୋଟାଏ ଜାଗାରେ । ଦିନୁର ମନ ମିଜାଜ ଦେଖି କେହି କିଛି ପଚାରି ପାରିଲେ ନାହିଁ । କଲ୍ୟାଣୀର ଅଜା ପୁଅ । କେତେ ଆନନ୍ଦ ସେ ହେଉ ନ ଥାନ୍ତା ? କାହିଁ ସେ ଆନନ୍ଦ ଆଜି ତା ପ୍ରାଣରେ ?

ଆଖିରୁ ଲୁହ ପୋଛି ପୋଛି ଦିନୁ ଆଗେଇ ଗୁଲ୍ଲିକ ଗାଁ ସେମୁଣ୍ଡ ନଧି ଶତପଥୀ ଦୋକାନକୁ । କିଛି ଦୋକାନ ସଉଦା ଆଣିବ । ହାତରେ ତାର ଗୋଟାଏ ପଇସା ନାହିଁ । ସତେ କଣ ତାକୁ ଫେରାଇ ଦେବ ଶତପଥୀ ? କଟି କଟିଆ ଅନ୍ଧାର ରାତି ମୁହଁକୁ ମୁହଁ ଦିଶୁନାହିଁ । ଦିନୁ ଶତପଥୀ ଦୋକାନରେ ପହଞ୍ଚିଲା । ଶତପଥୀ ବୁଢ଼ା ମୁହଁଟେକି ଅନାଇଲା ଦିନୁକୁ ।

ଦିନୁ କହିଲା, ନନା ମୁଁ ।

— କିଏ ଦିନୁ କିରେ ?

ହଁ, ନନା ।

ଏତେ ରାତିଟାରେ କୁଆଡ଼େ ଆସିଲୁ

କିଛି ସଉଦା ନେବି ନନା । ହାତରେ ଗୋଟାଏ ପଇସା ନାହିଁ ।

ଉଧାର ? ଉଧାର ମୁଁ ତ ବିକୁନାହିଁ । ଯେତେବେଳେ ଆସିଛୁ ନେଇ ଯାଅ । ହେଲେ ଦେଖ, ଦେଖି ଗୃହୁଁ ଚଞ୍ଚଳ ଦେଇଦେବୁ ।

ଦିନୁ କହିଲା, ହଁ ନନା ଦିନ ପନ୍ଦରଟା ଭିତରେ ଦେଇଦେବି ।

ଶତପଥୀ ଧନୁର କହିବା ମୁତାବକ ଦୋକାନ ସଜାଡ଼ା ଦେଇ ଦେଇ କହିଲା, ଆଜି କଣ ଖବର ଧନୁ ? ତୋର ମୋକଦ୍ଦମା ମେଣ୍ଟି ଗଲାତ ?

ଧନୁ କହିଲା, ନାହିଁ ନନା, ମୋକଦ୍ଦମା ମେଣ୍ଟୁଛି କାହିଁ ? ତାରିଖ ଉପରେ ତାରିଖ । କେବେ ମେଣ୍ଟିବ କିଜାଣି । ଏହି ମୋକଦ୍ଦମାରେ ମୋର ଅବସ୍ଥା ଆଜି ଏମିତି ହେଲା ନନା । କହୁ କହୁ ଧନୁ କାନ୍ଦି ପକାଇଲା ।

ଶତପଥୀ କହିଲା, କାହିଁରେ ଧନୁ କାନ୍ଦୁଛୁ ? ଛୁନାହ, କପାଳ କଥା, ତୁ କଣ କରିବୁ ?

ଧନୁ ଚୁପ୍ ହେଲା । ଗାମୁଛା କାନରେ ଲୁହ ପୋଛି ପୋଛି ଶତପଥୀଙ୍କୁ ଅନାଇ ଧନୁ କହିଲା, ନନା, ମୋର ଗୋଟିଏ ପୁଅ ହୋଇଛି ।

ସତେ ତୋର ଗୋଟିଏ ପୁଅ ? ମୋତେ ଆଗରୁ କହିନୁ ଶତପଥୀର ପାକୁଆ ପାଟିରେ କ୍ଷଣକ ପାଇଁ ଟିକିଏ ହସ ଖେଳିଗଲା । ଶତପଥୀ କେତେ ଆଶୀର୍ବାଦ କଲା ଧନୁ ପୁଅକୁ ।

ଧନୁ କହିଲା, ହଉ ନନା ମୁଁ ଯାଉଛି ।

ଏକା ଏକା ଘରେ କଲ୍ୟାଣୀ ବସିଛି । ନିପଟ ଅନ୍ଧାର । ମାଙ୍କ ପଡ଼ଶା ଘରୁ ବତୀ ତେଲ ଟିକେ ଆଣି ଦଣ୍ଡେକ ପାଇଁ ଜାଳିଥିଲା । ସେ ବି ଲିଭିଗଲାଣି । କଲ୍ୟାଣୀ ସ୍ୱାମୀର ଏପରି ଦାରିଦ୍ର୍ୟ ଦେଖି ନୀରବରେ ଆଖିରୁ ଲୁହ ଗଡ଼ାଉଛି । କଅଁଳା ପୁଅଟା କୁଅଁ କୁଅଁ ସ୍ୱରରେ ଚିତ୍କାର କରୁଛି ।

ଦିନୁ ଘରେ ପହଞ୍ଚି ବତୀଟା ଲଗାଇଲା । କଲ୍ୟାଣୀ ପାଖକୁ ଯାହା ଯେପରି ଦରକାର ଜିନିଷ ଯୋଗାଇ ଦେଲା । କଲ୍ୟାଣୀ କହିଲା,ମୋ ସୁଣ, ତମେ ଆଉ ଧନ୍ଦା ହୁଅ ନାହିଁ । ଭଗବାନ ଆମର ଭରସା ।

ଦିନୁ ଦୀର୍ଘ ନିଶ୍ୱାସ ପକାଇ କହିଲା, କଲ୍ୟାଣୀ ବିପଦରେ ତୋ ପରି ସ୍ତ୍ରୀକୁ ପାଇ ଜୀବନ ମୋର ସାର୍ଥକ ହୋଇଛି ।

—ଆଠ—

ହସପିଟାଲରୁ ଆସିବା ସରବାର ମାସ ଗୋଟାଏ ହୋଇ-ଗଲାଣି । ବର୍ତ୍ତମାନ ତାର ଗୋଡ ସମ୍ପୂର୍ଣ୍ଣ ଭଲ ହୋଇଯାଇଛି । ସେ ବେଶ୍ ସୁସ୍ଥ ସବଳ ମନେ କରୁଛି । କାମ କରିବାକୁ ତାକୁ ଆଉ ଭଲ ଲାଗୁନାହିଁ । କିଏ ଏତେ ଝାଲବୁହା ପଥର ବୋହୁ କାମ କରିବ ? ଦୁଃଖେକଷ୍ଟେ ବରଷ ଗୋଟାଏ କଟାଇଲାଣି । ମନ କଥା ମନରେ ମରେ । କାହାକୁ କ'ଣ କହିବ ସେ ? ଆପଣା ଧନ୍ଦାରେ ଲାଗେ । ଧନ ଗଉଡ଼ ଚୁଲେ । ମନଟା ଆଜି ତାର କେମିତିକା କାହିଁକି ଲାଗୁଛି । ସେ ଧନୁ ଭାଇ ଠାରୁ ଚିଠି ଖଣ୍ଡେ ପାଇଲାଣି— ଜବାବ ମୋଟେ ଦେଇନାହିଁ । ଭାଇ ତା'ର ଉତ୍ତରକୁ ଚାହିଁ ରହିଥିବ । ସରବା ଭାବୁଛି—ଆଜି ଚିଠି ଖଣ୍ଡେ ଦେବ । ଆଉ ଗୁଳ ଭଳ ରହିବ ନାହିଁ ।

ସରବା ଏମିତି କେତେଥର ଭାବେ । ଚିଠି ଲେଖା କାଗଜ ଆଣି ଚିଠି ଲେଖି ବସେ । ହାତ ତାର ଅଟକି ଯାଏ । ହାତରୁ କଲମ ଖସିପଡ଼େ । ମୁଣ୍ଡ କେମିତିକା ହୋଇଯାଏ । ଆଉ ସେ ଚିଠି ଲେଖି ପାରେନା । ଧନ ଗଉଡ ଗଲେ ।

ଅଜ୍ ସେ ନୀରବ ରହିପାରିବ ନାହିଁ । ପ୍ରାଣ ତାର କାନ୍ଦି ଉଠିଲା । ବୁଅତ କଲମ ଆଣି ଚିଠି ଲେଖି ବସିଲା ।

ଭାଇ,

ମୋର ପ୍ରଣାମ ନେବ । କଣ ବା ଲେଖିବି ? ତମ ପାଖରେ ମୁଁ ବଡ଼ ଅପରାଧ କରିଛି । ସେ ଅପରାଧ ପାଇଁ ଦଣ୍ଡ ଯାହା ଦେବ ତାହା ମୁଣ୍ଡପାତି ସହିବି । ଗଲ ଥରରେ କଲିକତା ପଳାଇ ଆସିଲି ସିନା, ତାର ଫଳ ହାତେ ହାତେ ଅନୁଭବ କରୁଛି ମୁଁ । ସବୁ ଦୋଷ ମୋର । ସାନ ଭାଇ ହିସାବରେ ମନରେ ଧରିବ ନାହିଁ । କ୍ଷମା କରିବ । ମୋ ଦେହପାଇଁ ମନରେ କିଛି ଚିନ୍ତା କରିବନାହିଁ । ମୁଁ ଭଲ ହୋଇ ଗଲିଣି । ନୂଆଭାଉଜଙ୍କୁ ମୋ ଦେହ କଥା ମଧ୍ୟ କହିବ । କାମକୁ ଯାଉଛି । ଏ କାମ କରିବାକୁ ମନ ମୋର ଲାଗୁ ନାହିଁ । ଖାଲି ପଥର ବୋହୁଁ । ଆଖିରେ ଲୁହ ଆସୁଛି ତୁମ ସ୍ନେହ ଶ୍ରଦ୍ଧା କଥା ଭାବିଲେ । କଣାଦାଦା ମୋ ଜୀବନରେ ବଡ଼ ଉପକାର କରିଛନ୍ତି । ତାଙ୍କ ପାଇଁ ମୁଁ ବିପଦରୁ ଉଦ୍ଧୁରିଛି । ଜୀବନରେ ତାହା ଭୁଲିବି ନାହିଁ । ତମେ କିପରି ଅଛ ? ନୂଆଭାଉଜ କିପରି ଅଛନ୍ତି ? ଫେରନ୍ତା ଚିଠିରେ ସବୁ ଲେଖିବ ।

ସ୍ନେହର
ସରବା

ଚିଠି ଖଣ୍ଡିକ ଲେଖିସାରି ସରବା ଖାମ ଭିତରେ ପୂରାଇ ଠିକଣା ଲେଖି ଧନୁ ପାଖକୁ ଡାକରେ ପଠାଇ ଦେଲା ।

ଦିନ ଗଡ଼ିଚାଲିଲା ।

ଯେତିକି ଦିନ ଯାଉଥାଏ—ସେତିକି ସରବା ତା ଚିଠିର ଜବାବକୁ ଚାହିଁ ରହୁଥାଏ । ମନଟା ତାର ଚଞ୍ଚଳ ହୋଇ ଉଠିଲା ।

ସେଦିନ ଡାକ ପିଅନ ଚିଠି ଖଣ୍ଡେ ସରବା ହାତକୁ ବଢ଼ାଇ ଦେଲା । ସରବା ଅସ୍ଥିର ହୋଇ ଚିଠି ଖଣ୍ଡିକ ଖୋଲି ପଢ଼ିଲା । ନିଜେ ଦନୁ ଭାଇ ତା'ର ଲେଖିଛି—

କଲ୍ୟାଣୀୟୁ ସରବା !

ସ୍ନେହ ନେବୁ । ନୂଆଭଉଜଙ୍କର ଶୁଭେଚ୍ଛା ନେବୁ । ତୋ ଚିଠି ପାଇଛୁ । କଣ ମୁଁ ଉତ୍ତର ଲେଖିବି ? କିଛି ଭାବି ପାରୁନି । ମୁଣ୍ଡ ମୋର ଖରାପ ହୋଇ ଗଲାଣି । ଭାଗ୍ୟରେ ଥିଲେ ଏମିତି ସବୁ ଘଟେ । ମୁଁ ଆଉ ତୋର ସେ ଦନୁ ଭାଇ ନାହିଁ । ପଥର ଭଳିଆ ହୋଇ ଯାଇଛି । ପେଟକୁ ଦାନା ନାହିଁ । କଲ୍ୟାଣୀ ହାତ ଗୋଡ଼ ଫୁଙ୍କୁଲା । ଘରର ସବୁ ଆସବାବପତ୍ର ଯାଇଛି । ଏପରିକି ଘର ବି ଖଣ୍ଡି ଛଡ଼ା ସବୁ ଆଜି ପର ହାତରେ । କଣ ବା ସେ ବିଷୟ ଲେଖିବି ?

ପଢ଼ିହାରୀ ମୋ ନାଁରେ ମୋକଦ୍ଦମା କରିଛି, କପଟ ମିଛ କଥାଟାରେ । ବାପ ଗୋସାପର ଭୂମିଅଧ ବଞ୍ଚାଇବା ପାଇଁ ମୁଁ ମୋକଦ୍ଦମାରେ ଲଢ଼ୁଛି । ଶେଷରେ ଭଗବାନ ଯାହା କରିବେ । ମୋ ସୁନା ଭାଇଟା ତୁ ଚିଠି ପାଇ ଶୀଘ୍ର ଘରକୁ ଆସିବୁ । ଆସିଲେ ସବୁ କଥା ଶୁଣିବୁ ।

ରାଗ ତମରେ ଘରୁ ଗୋଡ଼ କାଢ଼ି ପଳାଇ ଗଲୁ ସିନା ! ସେଥିପାଇଁ ମୋ ମନରେ ଦୁଃଖ । କେତେ କଷ୍ଟ ନ ଭୋଗିଲୁ କହନି !

ଏତେ ବିପଦ ଭିତରେ ଆମକୁ ଜୀଇ ବଞ୍ଚି ରହିବାକୁ ହେଉଛି । ଶୁଣି ଆନନ୍ଦିତ ହେବୁ, ଆମର ଟିକି ପୁଅଟିଏ ହୋଇଛି । ଗରିବ ଘରେ ସେହି ଆମର ଅମୂଲ୍ୟ ନିଧି ।

ତୋର ଯଦି ଟିକେ ପୁଅଟିକୁ ଦେଖିବା ଶ୍ରଦ୍ଧା ଥାଏ, ଘରକୁ ଆସିବୁ ।

ତୋର
ଭାଇ

ସରବା ଚିଠି ଖଣ୍ଡିକ ଆମୂଳ ଚୂଳ ପଢ଼ି ଗୁମ୍ ମାରି ବସି-ଗଲା । ଏତେ ବଡ଼ ବିରାଟ ପର୍ବ ହୋଇଗଲାଣି—ତାକୁ ଆଜି ଜଣା ନାହିଁ ।

ଦରକାର ନାହିଁ କଲିକତାରେ ରହିବା । ଲୋଡ଼ା ନାହିଁ ତାର ଟଙ୍କା ପଇସା । ସତେ ମ ପଢ଼ିହାରୀଟା କେଡ଼େ ଖରାପ ଲୋକ !

ମିଜାଜ ତା'ର ଗରମ ହୋଇଗଲା । ନା—ଆଉ ସେ ଘଣ୍ଟେ ଅପେକ୍ଷା କରିବ ନାହିଁ । ଆଜିଟାରେ ଘରକୁ ଯିବ । ସ୍ତ୍ରୀଲଟା ତାର କେତେ କଷ୍ଟ ପାଇଲାଣି ।

ସଞ୍ଜ ହୋଇ ଆସିଲାଣି । ସେଦିନ ସରବା କଣା ସାମଲକୁ କହିଲା, କଣା ଦାଦା, ମୁଁ ଏଠି ଆଉ ଚାକିରି କରିବି ନାହିଁ । ଘରକୁ ଯିବ ।

—କିରେ କଥା କ'ଣ ସରବା ?

ସରବା ଚିଠି ଖଣ୍ଡିକ କଣା ସାମଲ ହାତକୁ ବଢ଼ାଇ ଦେଇ ଦେଇ କହିଲା, କଣା ଦାଦା, ପଢ଼ିହାରୀ ଦନୁ ଭାଇ ନାଆଁରେ ମୋକଦ୍ଦମା କରିଛି କପଟ ମିଛକଥା ଲଗାଇ । ଭାଇର ଅବସ୍ଥା ବଡ଼ ଖରାପ । ମୋତେ ଯିବା ପାଇଁ ଲେଖିଛି ।

କଣା ସାମଲ ଆଖିରେ ଭଙ୍ଗା ଚଷମାଟା ଦେଇ ଚିଠି ଖଣ୍ଡିକ ପଢ଼ିଗଲା । କିଛିକ୍ଷଣ ପରେ ଦୀର୍ଘ ନିଶ୍ୱାସ ପକାଇ କହିଲା, ତାହେଲେ ଏମିତି ଘଟଣା ହୋଇ ଯାଇଛି ସରବା ?

ସରବା କହିଲା, ହଁ ଦାଦା ।

କଣା ସାମଲ କହିଲା, ମୁଁ ସବୁ ଜାଣେ ଧନୁଟା ବଡ଼ ଜନ୍‌ଖୋର । ଏବେ ସବୁ ଅବସ୍ଥା ହେଲଣି ଖଣ୍ଡେ ଶଠି ନାହିଁ— ପଢ଼ିହାରୀ କଥା ଛାଡ଼ଦେ । ତୁ ତ ପିଲା । ତାର ଏଇ ଢଙ୍ଗ ମୁଁ ଦେଖି ଦେଖି ବୁଢ଼ା ହେଲି ସରବା । ଗାଁଟାକୁ ସତ୍ୟାନାଶ କଲା ସେ ।

ସରବା ମନେ ମନେ ପଢ଼ିହାରୀ ଉପରକୁ ରକତ ଗୁଜଳ ଗ୍ରେବାଇଲା ପରି ହେଲା । ହେଲେ କଣ ହେବ ? ଚଳା ପାଣି କହୁଣୀକୁ ବୋହି ଯାଇଛି । ଆଉ ଉପାୟ ନାହିଁ ।

କଣା ସାମଲ ଆଜକୁ କେଇମାସ ହେବ ଦେଖୁଛି— ଯେଉଁ ଦିନଠୁ ସରବା ଗାଡ଼ି ଚପା ପଡ଼ିଲଣି ସେଇ ଦିନଠୁ ସେ ଆଉ ଭଡ଼ ଭାମକୁ ପାରୁ ନାହିଁ । ବାବୁ କେତେଥର ତା ଉପରେ ବିଗିଡ଼ିଲଣି । କଣା ସାମଲ କଣ ବା ଆଉ କହିବ ?

ସରବାର ଦରମା ଟଙ୍କା କେତେଟା ବାବୁ ଠାରୁ ହିସାବ କିତାବ କରି ଘେନି ଆସିଲା ।

ସରବାର ଘରକୁ ଯିବା ପାଇଁ ମନଟା ବ୍ୟଗ୍ର ହୋଇ ଉଠିଲା ।

କଣା ସାମଲ ସରବା ହାତକୁ ତା ଦରମା ଟଙ୍କା ବଢ଼ାଇ ଦେଉଁ ଦେଉଁ କହିଲା, ସରବା, ଏଥର ଏ ମାସର ଦରମା ତୋର । ସରବା ଟଙ୍କାତକ ପକେଟରେ ରଖୁ ରଖୁ ବସା ଆଡ଼େ ଅଗେଇ ଗଲା । ରାତି ହୋଇ ଆସିଲାଣି—ଶୀତ ଦିନ ରାତି । ଦିହ ହାତ ଥର ଯାଉଛି ଶୀତରେ । ବସାରେ ପହଞ୍ଚିଲା । ଅସନା ଗଳିଟା । ଦିହଘସିଆ ହୋଇ ଗଲାଣି । ନର୍ଦ୍ଦମାର ଗନ୍ଧ ପବନରେ ଛୁଟି

ଅସୁଛି । ସେଥିକି ଭ୍ରୂକ୍ଷେପ ନାହିଁ । ମନଟା ଆଜି ତାର ଭାରି ଆନନ୍ଦ । କେଜାଣି କାହିଁକି ସେହି ଅଜଣା ଆନନ୍ଦ କ୍ଷଣକ ପାଇଁ ମନଟାକୁ ତାର ମାଡ଼ି ବସିଛି । ବଜାରକୁ ବାହାରି ପଡ଼ିଲା ସରବା । କିଛି ଜିନିଷ ପତ୍ର କିଣି ଆଣିବ । ଘରକୁ ସେ ଆଜି ଯାଉଛି । ଦେଖୁ ଦେଖୁ ବରଷ ଗୋଟାଏ କଟି ଗଲାଣି । ଖାଲି ହାତଟାରେ କେମିତି ସେ ଘରକୁ ଯିବ ? ନୂଆଜ ତାର କ'ଣ କହିବ ?

ବାଛି ବାଛି ନୂଆଜ ପାଇଁ ବନାରସି ଶାଢ଼ୀ ଖଣ୍ଡେ କିଣିଲା । ଭାଇ ପାଇଁ ଧୋତି ଆଉ କାମିଜ ଖଣ୍ଡେ କିଣିଲା । ଛୁଆ ପୁଅଟି ପାଇଁ ପ୍ୟାଣ୍ଟ କିଣିଲା - ଖେଳନା ଦୋକାନକୁ ଅନାଇଲା । କେତେ ରକମର ଖେଳଣା ଦୋକାନରେ ବୋଝାଇ ହୋଇଛି । ଦୋକାନ ଭିତରକୁ ପଶିଗଲା ସରବା । ଦୋକାନୀ କେତେ ରକମର ଖେଳନା ଆଣି ଦେଖାଇଲା । ବାଛି ବାଛି ତା ମନକୁ ଯେଉଁଟା ପାଇଲା ସେଇଟାକୁ ସେ କିଣିଲା ।

ତର ତର ହେଉଛି—ସମୟ ହୋଇ ଗଲାଣି । ସବୁ ତ କିଣା ହୋଇ ଗଲା, ରାସ୍ତା ଉପରକୁ ବାହାରି ପଡ଼ି ସରବା ଭାବୁଛି, ଆଉ ବାକି କଣ ରହିଲା ? ମନେ ପଡ଼ିଲା ବାକି ଅଛି ମିଠେଇ । ଆଗେଇ ଗଲା ମିଠେଇ ଦୋକାନ ଆଡ଼କୁ । ସାମନାରେ ଭୀମ ନାଗର ମିଷ୍ଟାନ୍ନ ଭଣ୍ଡାର । ସରବା ଗୋଟାଏ ବଡ଼ ଟ୍ରଙ୍କରେ ଜିନିଷ ପତ୍ର ସଜାଇ ରଖି, ରଖୁ କିଣା ସାମଲ ଆଡ଼କୁ ଅନାଇ କହିଲା, କିଣା ଦାଦା, ଘରକୁ ସିନା ଯାଉଛି ଆଜି, ମନଟା କିନ୍ତୁ ଭାରି ଦୁଃଖ ।

କଣା ସାମଲ କହିଲା, କାହିଁକିରେ ଘରକୁ ଯିବାବେଳେ ନଟାକୁ ଏତେ ଦୁଃଖ କରୁଛୁ ? ଯାହା ତ ହେବାର ହୋଇଛି— ମନ ଦୁଃଖ କରି ଲାଭ କଣ ? ଚଞ୍ଚଳ କାମ ସାରିଦିଏ ଗାଡ଼ି ସମୟ ହୋଇ ଗଲାଣି । ସରବା ବସାରେ ପହଞ୍ଚି ନିଜର କାମ ଧନ୍ଦା ସାରିଦେଲା । କଣ ଗଣ୍ଡାଏ ଏଣୁ ତେଣୁ କରି ଖାଇ ନେଲା, ମନଟା ଚଞ୍ଚଳ ହୋଇ ପଡ଼ିଲାଣି ।

ସରବା ଲୁଗା କାମିଜ ପିନ୍ଧି ବାହାରି ପଡ଼ୁଛି । କଣା ସାମଲ ବାକ୍ସରୁ ଟଙ୍କା ବାହାର କରି ଆଣି ସରବା ହାତକୁ ବଢ଼ାଇ ଦେଇ ଦେଇ କହିଲା, ସରବା, ତୋର ଏଗାର ମାସର ମୋ ପାଖରେ ଜମା ରଖିଥିବା ତିନଶ ଟଙ୍କା ଗଣି ନେଏ ।

ସରବା ଟଙ୍କାତକ ଗଣି ଅଣ୍ଟାରେ ଭଲକରି ବାନ୍ଧି ରଖିଲା । ସମୟ ହୋଇଯିବା ଦେଖି ଜିନିଷ ପତ୍ର ଗୋଟାଏ ରିକ୍ସାରେ ବୋଝାଇ କରି ହାୱଡ଼ା ଷ୍ଟେସନ ଅଡ଼କୁ ଅଗେଇଲା ସରବା ।

ହାୱଡ଼ା ଷ୍ଟେସନ ଲୋକାରଣ୍ୟରେ ଗର୍ଜି ଉଠୁଛି । ଷ୍ଟିମ ଛାଡ଼ିଦେଇ ଏକ୍ସପ୍ରେସ ଗାଡ଼ିଟା ଲାଗିଗଲା ଷ୍ଟେସନରେ ଆସି । ଯିଏ ଯେଉଁଠି ଥିଲେ ଧସ୍ତପସ୍ତ ହୋଇ ଗାଡ଼ି ଭିତରକୁ ଚଢ଼ିଗଲେ ।

ସରବା ଗୋଟାଏ ଡବା ଭିତରକୁ ସେଇ ଭିଡ଼ ଭିତରେ ବହୁ କଷ୍ଟରେ ପଶିଲା ।

କଣା ସାମଲ ସରବାର ଜିନିଷ ପତ୍ର ବାହାରୁ ଥାଇ ତା ହାତକୁ ବଢ଼ାଇ ଦେଲା ।

ଗାଡ଼ି ଛାଡ଼ିବା ଛାଡ଼ିବା ହେଲାଣି, କଣାସାମଲ କହିଲା— ସରବା, ମୁଁ ଯାଉଛି ।

ସରବା ଅଶ୍ରୁ ସଜଳ ନୟନରେ କଣା ସାମଲ୍ ମୁହଁକୁ ଅନାଇ ରହିଲା ।

ଗାଡ଼ି ଧୀରେ ଧୀରେ ଚାଲିଲାଣି । ହାତ ହଲାଇ କଣା ସାମଲ କହିଲା—ଚିଠି ଦେବୁରେ ସରବା ।

ସରବା ଜନଗହଳି ଭିତରୁ ଥାଇ ଜବାବ ଦେଲା— ହଉ ।

ଷ୍ଟେସନଠାର ସମସ୍ତ ଆକର୍ଷଣକୁ ପଛରେ ପକାଇ ଏକ୍ସପ୍ରେସ ଗାଡ଼ିଟା ପୁରୀ ଆଡ଼କୁ ବୀର ଦର୍ପରେ ଛୁଟି ଚାଲିଲା । ବିଦାୟ ଦେବା ପାଇଁ ଷ୍ଟେସନକୁ ଆସିଥିବା ଲୋକ ଗୁଡ଼ାକ ଆପଣା ଆପଣା ଘର ଆଉ ବସା ଅଭିମୁଖରେ ଫେରିଲେ ।

ଷ୍ଟେସନରେ ଥିବା କୁଲି ଆଉ ପାନ ସିଗାରେଟ୍ ବିକାଳି ଗାଡ଼ିକୁ ଅପେକ୍ଷା କରି ଚାହିଁ ରହିଲେ ।

—ନଅ—

ଶୀତ ଦିନ ସକାଳ । ଖିଲ୍ ଖିଲ୍ ହୋଇ ପବନଟା ବହୁଛି । ସକାଳ ସୂର୍ଯ୍ୟର କଅଁଳ ଆଲୋକ ସ୍ଥିର ହୋଇ ଯାଉଛି ଧରଣୀରେ । ଗାଁର ଛୁଆଁ ପିଲା ବୁଢ଼ା ବୁଢ଼ୀ ଖରାର ଉତ୍ତାପ ଟିକେ ପାଇବା ପାଇଁ ଠୁଳ ହୋଇଛନ୍ତି—ଯେଉଁଠି ଟିକେ ଖରା ପଡ଼ୁଛି ।

ହାତରେ ଦାଆଟା ଧରିଛି ଦନୁ । ଧାନ କାଟି ଯିବ ।

କଲ୍ୟାଣୀ ଛୁଆ ପୁଅଟିକୁ କାଖରେ ବସାଇ ଗେଲ କରୁଛି ।

ଥରକ ପାଇଁ ଦନୁ ଛୁଆ ପୁଅଟିର ମୁହଁକୁ ଅନାଇ ଦେଲା । ବୁକୁ ଭିତରୁ କୋହ ଉଠିଲା ତା'ର । ସେ କୋହ ସମ୍ଭାଳି ହେବାର ନୁହେଁ । ଦନୁର ଦି' ଆଖିରୁ ଲୁହ ଗଡ଼ି ପଡ଼ିଲା ।

କଲ୍ୟାଣୀ ଦନୁ ମୁହଁକୁ ଅନାଇ କହିଲା, ଏ କଣ ! ତୁମେ କାନ୍ଦୁଛ ଯେ ।

ଦନୁ ଆଖିରୁ ଲୁହ ପୋଛୁ ପୋଛୁ କହିଲା, କଲ୍ୟାଣୀ, ପୁଅଟିର ଭବିଷ୍ୟତ କଥା ଭାବି ମନଟା କେମିତି ହୋଇ ଯାଉଛି ମୋର ।

—ପୁଅର ଭବିଷ୍ୟତ ? କଣ ପୁଅର ଭବିଷ୍ୟତ ଭାବୁଛ ? ଯାହା ତ ହେବାର ହୋଇଛୁ । ନିଜେ ପୁଅକୁ କେଇ ବଞ୍ଚାଇ ରଖ । ତା ଭବିଷ୍ୟତ ସେ ଆପେ ଆପେ ଠିକ୍ କରିବ ।

—ଆପେ ଠିକ୍ କରିବ ଯେ, ତା ମୁଁ ବୁଝୁଛି କଲ୍ୟାଣୀ । ଶେଷରେ କହିବ, ବାପଟା ମୋର ନିହାତି ଅପଦାର୍ଥ ଥିଲା—କିଛି ମୋ ପାଇଁ ରଖି ଯାଇନାହିଁ । ଯେଉଁ ସୁନାଥାଳ ପରି ଜମି କଲ୍ୟାଣୀ—କହୁ କହୁ ଧନୁ ପୁଣି କାନ୍ଦ ପକାଇଲା ।

କଲ୍ୟାଣୀ ଧନୁ ଆଖିରୁ ଲୁହ ପୋଛି ଦେଇ ଦେଇ କହିଲା, ତୁଆଙ୍କ ପରି କାନ୍ଦୁଛ ଗୋଟାଏ କଣ ? ଯେମିତି ହେଉ ଭଗବାନ ବଞ୍ଚାଇବେ ଯେ । ଗରିବର ମାଆ ବାପ ସେ । ଦେଖିଲ ତ ଅଣ୍ଟାକର ପତ୍ନୀ ବସିଥିଲା ପଡ଼ିହାସ୍ତ୍ରୀ—ଫଳ କଣ ହେଲା ? ଜିଦ୍‌ଟା ତା'ର କେଉଁଆଡେ ଗଲା ? ଏତକି ହେଲା - ଆପେ କାଙ୍ଗାଳ ହେଲେ ଖର୍ଚ୍ଚାନ୍ତରେ ପଡ଼ି । ସେ ବଡ଼ ଲୋକ, ତାକୁ ବାଧିଲା ନାହିଁ । ସବୁ-ଦିନେ ସବୁ କଥା ରହେନା । ନୂଆ ହୁଏ ପୁରୁଣା - ପୁରୁଣା ହୁଏ ନୂଆ । ଯଣେକରେ ଆଖି ଆଗରେ ସବୁ ଓଲଟି ପଡ଼େ । ବିଚିତ୍ର ଦୁନିଆ । ଛନ୍ଦ କାଣିଲାର ହୋଇ ବାଟବଣା ହେଉଛ ?

ଧନୁ ଏତେ ଦୁଃଖ ଭିତରେ ମୁହଁରେ ହସଟିକେ ଫୁଟାଇ କହିଲା, ସବୁ ବୁଝୁଛି କଲ୍ୟାଣୀ, ସବୁ ବୁଝୁଛି । ମୁଁ ପରା ସେଧନୁ ତୋତେ କହୁଥିଲି, ଆମର କେବଳ ଭଗବାନ ଭରସା । ମକଦ୍ଦମାଟାକୁ ତାରିଖ ପରେ ତାରିଖ କରି କେତେ ଖର୍ଚ୍ଚାନ୍ତରେ ପଡ଼ିହାସ୍ତ୍ରୀଟା ଆମକୁ ନ ପକାଇଲା ? ହେଲେ ବିଗୁର ତ ହୋଇଛି । ବିଗୁର—ଯେଉଁ ବିଗୁରକୁ ଅପେକ୍ଷା କରି ମୋର ପରି କେତେ ଲୋକ ସର୍ବସ୍ୱାନ୍ତ ହୋଇଛନ୍ତି - ପୁଣି କେତେ ଲୋକ ବିଗୁରର ମାପକାଠିରେ ନିଜକୁ

ଉତ୍ସର୍ଗ କରି ଫାଶିଖୁଣ୍ଟରେ ଝୁଲିଛନ୍ତି । ତାର ହିସାବ କିଏ ରଖିଛି କଲ୍ୟାଣୀ ?

ଧନୁ ମୋକଦ୍ଦମାରେ ଜିତିଛି । କାହିଁ ତାର ଛାତିଟା ତ ଗର୍ବରେ ଫୁଲି ଉଠୁନି ? ମନରେ ତା'ର ତ ଆନନ୍ଦ ଆସୁନି ? ସବୁ ଯେମିତି ଶେଷ ହୋଇ ଯାଇଛି ଏକାଥରେ ।

ଭାବନାର ପଣାକାଠି କ୍ଷଣକରେ ଓଲଟି ପଡ଼ିଲା । ଧନୁ ଦେଖୁଛି ଆଗରେ ତାର ଅଭାବ ଅନାଟନ ଜିଭ ଲହ ଲହ କରି ତା ଜୀବନଟାକୁ ଧାଇଁଛି । ଅନାଇଲା, ଆଖି ସାମନାରେ ତାର ଛୁଆ ପୁଅଟି ଗୁଲୁ ଗୁଲୁ ହୋଇ ଖେଳୁଛି । ତା ପାଇଁ ଦାନା ଲୋଡ଼ା । ବଞ୍ଚାଇବାକୁ ହେବ ତାକୁ । ଭାବନା ତାର ଦୀର୍ଘ ହୋଇ ଉଠିଲା । ସବୁ ଦିନ-ପରି ହାତରେ ଦାଆଟା ଧରି ବିଲ ଆଡ଼େ ଚାଲିଗଲା ଧନୁ ।

କଲ୍ୟାଣୀ ପୁଅଟିକୁ ଧରି ଘର ଧନ୍ଦାରେ ଲାଗିଲା ।

ବେଳ ହେଲାଣି କେଜାଣି କେତେ । ବିଲରୁ ଧାନ କଟାଳି ଫେରିଲେଣି ।

କଲ୍ୟାଣୀ ଧନୁର ବାଟ ଚାହିଁ ବସିଛି । କେତେବେଳେ ଫେରିବ ? ଖରାବେଳ ଗଡ଼ିଗଲା । ତଥାପି ଧନୁ ଫେରିଲା ନାହିଁ ।

କେବେ ଏପରିତ ଡେରି କରନ୍ତି ନାହିଁ । କଲ୍ୟାଣୀ ମନେ ମନେ ଭାବୁଛି । ମନରେ ତା'ର କେତେ ଆଶଙ୍କା, କେତେ ଚିନ୍ତା ଖେଳିଗଲା । ମନଟା ଅସ୍ଥିର ହୋଇ ଉଠିଲା । ଅଗଣାରେ ବସି ସ୍ୱାମୀ କଥା ଭାବୁଛି କଲ୍ୟାଣୀ । ଦାଣ୍ଡରେ ପାଟିଗୋଳ ଶୁଭିଲା । ମନଟା ତା'ର ଛୁଇଁଲା । ପାପ ମନତ । ଦାଣ୍ଡ ଦରଜା ପର୍ଯ୍ୟନ୍ତ ଧାଇଁଗଲା ଠୋସ୍‌ରେ । ଆଉ ଜଲ୍ଦି ଯାଇ ପାରିଲା ନାହିଁ । ପାଦ ତା'ର କାହିଁକି ଅଟକି ଗଲା । ଆଖି ସାମନାରେ ଦି' ଚାରିଜଣ ଲୋକ

ସ୍ୱାମୀକୁ ତାର କାନ୍ଧରେ ପକାଇ ଘର ଭିତରକୁ ଆଣି ଶୁଆଇ ଦେଲେ । ସ୍ୱାମୀକୁ ଦେଖି କଳାକାଠ ପଡ଼ିଗଲା କଲ୍ୟାଣୀ ।

ଏ କଣ ? ସ୍ୱାମୀର ଅଙ୍ଗ ଏ କି ଅବସ୍ଥା ? ହୋ କରି କାନ୍ଦ ଉଠିଲା କଲ୍ୟାଣୀ । କଲ୍ୟାଣୀର କାନ୍ଦଣା ଦେଖି ଛୁଆ ପୁଅଟି ଚିତ୍କାର କରି ଉଠିଲା ।

ଜମା ହୋଇ ପଡ଼ିଲେ ଗାଁ ଗୋଟାକର ଲୋକ । ବିଲକୁ ଯାଇଥିଲା । ଏ କି ଅବସ୍ଥା ଧନୁର ? କେହି କିଛି ବୁଝି ପାରିଲେ ନାହିଁ । କିଏ ବା ତାର ପ୍ରକୃତ ଅବସ୍ଥା ଦେଖିଛି କହିବ ? କିଏ କହିଲା ସାପ କାମୁଡ଼ିଛି, ଗୁଣିଆ ଡାକ । କିଏ କହିଲା, ମୁଣ୍ଡ ଗରମ ହୋଇ ଯାଇଛି, ମଥାରେ ପାଣିଛାଟ । ମଥାରେ ପାଣି ଛାଟ ହେଲା— ସମସ୍ତେ ଦେଖିଲେ ଧନୁର ହାତ ପାପୁଲିରେ କାମୁଡ଼ା ଦାଗ । ନିଶ୍ଚୟ ଦନ୍ତଘାତ ହୋଇଛି । ଗୁଣିଅକୁ ଡାକିଲେ । ଗୁଣିଅ ଆସି ଝଡ଼ା ଫୁଙ୍କା କଲା । ମାତ୍ର ବିଶେଷ କିଛି ଫଳ ହେଲା ନାହିଁ । ସମସ୍ତେ କହିଲେ ବିଷ ମଥାକୁ ଚଢ଼ିଗଲାଣି । ଦି' ଘଣ୍ଟା ବିତିଗଲା —ତଥାପି ଦିନୁର ଚେତନା ଫେରିଲା ନାହିଁ । କଲ୍ୟାଣୀ ମୁଣ୍ଡ କୋଡ଼ି ହେଲା ।

ସମସ୍ତେ ଆହା ଆହା କଲେ ।

କାହାର କଥାକୁ କାନ ଦେଲା ନାହିଁ ଧନୁ—ସବୁଦିନ ପାଇଁ ଆଖି ଜୋଡ଼ାକ ତାର ବୁଜି ଦେଲା ।

ସମସ୍ତେ କହିଲେ, ଆଉ ହେବ ନାହିଁ, ଶେଷ—ସବୁ ଶେଷ ।

ଧନୁ ମରି ଯାଇଛି—କାହିଁ ଏ କଥା ତ ବିଶ୍ୱାସ କରୁନି କଲ୍ୟାଣୀ ? ଏଇ ସକାଳ କଥା । ଦାଆଟା ଧରି ବିଲକୁ ବାହାରି ପଡ଼ିଥିଲା ସେ—କେଇ ଘଣ୍ଟାର ତଫାତ ।

କଲ୍ୟାଣୀର ବୁକୁ ଫଟାଇ ଦ ଅଖିରୁ ଧାର ଶ୍ରାବଣ ପର ଛୁଟିଲା ଲୁହର ପ୍ଲାବନ ।

ମଣିଷ ଭିଡ଼ରେ ଘରଟା ପୂରି ଯାଇଛି । ସମସ୍ତଙ୍କ ଅଖିରେ ଅଜସ୍ର ଲୁହ । ଯିଏ ଦୀନୁକୁ ଦେଖି ଯାଉଛନ୍ତି, ସେ ଦଣ୍ଡେକ ପାଇଁ କାନ୍ଦି ପକାଉଛନ୍ତି । କିଏ ଜାଣିଥିଲା ନିର୍ମମ ମରଣ ଏତେ ଚଞ୍ଚଳ ଚଳନ୍ତି ପଥଟା ଭାରି ଅଟକାଇ ଦେବ ? ସମସ୍ତେ କହୁଥିଲେ, ରୁଣ୍ଡାଲଟା ଗୁଳିଗଲା ନାହିଁ ଯେ ଛୁଆ ପିଲାଟିକୁ ଭସାଇ ଦେଇଗଲା ।

—ଦଶ—

ସରବା ଅଫେଇ ଚାଲିଛନ୍ତି । ଅନେକ ବାଟ ସେ ଚାଲି ଆସିଲେଣି । ତାଙ୍କ ଧାନମଣ୍ଡଳ—ତାଙ୍କ ତାର ଗାଁ କୁସୁପୁର । ଗୋହ୍ମସ୍ତ ମଙ୍ଗିରେ ପହଞ୍ଚିଲେ, ହାତରେ ତା'ର ଟ୍ରଙ୍କଟା । ବଡ଼ ଭାର ହୋଇଛି । ସେ ପ୍ରତି ତା'ର ଲକ୍ଷ୍ୟ ନାହିଁ । ମନରେ କେତେ ଫୁର୍ତ୍ତି, କେତେ ଆନନ୍ଦ । ସେ ଅଜ୍ଞ ବର୍ଷକ ପରେ ତାର ଜନ୍ମମାଟିକୁ ଫେରୁଛି । ଏଇ ଗାଁ-ଏଇ ମାଟି । ତାକୁ କେତେ ଆଦର ନ କରିଛି ? ଏହାର କୋଳରେ କେତେ ଖରା ବର୍ଷା ନ କଟାଇଛି ସେ । ସବୁକଥା ମନେ ପଡ଼ିଲା ସରବାର । ଯେତେ ଅଫେଇ ଚାଲିଥାଏ ସରବା, ସେତେ କଳ୍ପନା ତାର ଛୁଟି ଚାଲିଥାଏ ଆଗକୁ ।

ଗାଁ ଦାଣ୍ଡରେ ପହଞ୍ଚିଲା । ଗାଁର ସମସ୍ତେ ସରବାକୁ ଦେଖି ଅବାକ୍ ହୋଇଗଲେ । ଦନୁ ଖବରଟା କହିବା ପାଇଁ କାହାର ତୁଣ୍ଡ ଖୋଲିଲା ନାହିଁ । କେମିତି ବା କହିବେ ?

ସରବା ସାଇରେ ପହଞ୍ଚି ଦେଖିଲା, ଘରେ ଲୋକ ଜମା ହୋଇଛନ୍ତି । ଅସୁମାର ଭିଡ଼ । ଭୟ ଆଶଙ୍କାରେ ସରବାର ଦେହ ଥରି ଉଠିଲା ।

ଅସ୍ପଷ୍ଟ ଗଳାରେ ଶୁଣିବାକୁ ପାଇଲା କଲ୍ୟାଣୀର ବ୍ୟାକୁଳ କ୍ରନ୍ଦନ । ମୁଣ୍ଡ ତାର ଘୂରିଗଲା । ଆଗକୁ ଆଉ ପାଦ ପକାଇ ପାରିଲା ନାହିଁ । ହାତରୁ ଟ୍ରଙ୍କଟା ତାର ତଳେ ଖସିପଡ଼ି ଚୂର୍ମାର ହୋଇଗଲା । ସମସ୍ତେ ତଟସ୍ଥ ହୋଇ ସରବା ମୁହଁକୁ ଚାହିଁ ରହିଲେ ।

ସରବା ଗୁମ୍ମାରି ଯାଇ ଅଗଣାରେ ବସି ପଡ଼ିଲା । ବୁଦ୍ଧିବଳ ତାକୁ କିଛି ଆଉ ଦିଶିଲା ନାହିଁ ।

ପୁରୁଖା ଲୋକେ ଆସି ସରବାକୁ ବୁଝାଇଲେ । ସବୁ ତ ସରି ଗଲାଣି । ଆଉ ଭାବିଲେ କଣ ହେବ ସରବା ? ଲୁଗାପଟା ଓହ୍ଲାଇ ପକା । ଭାଇର ଶବଦାହ କର ।

ଭାଇର ଶବଦାହ ? ଭୋ ଭୋ ରଡ଼ି ଛାଡ଼ିଲା ସରବା । ଭାଇ ତାର ସରିଛି । ତାହାଙ୍କ ଶୁଣ୍ଡାଳ କଲିକତାରୁ ଫେରିଲା ? କାହା ପାଖରେ ଆଉ ସେ ନିଜର ଦୁଃଖହାଲ୍ କଥା କହିବ ? କାହା ପାଖରୁ ଆଖିରୁ ଲୁହ ଗଡ଼ାଇ ନିଜକୁ ଦୋଷୀ ମନେ କରି କ୍ଷମା ମାଗିନେବ ?

ଲୋକେ ବୁଝାଇଲେ—ସରବା ତୁନିହ । ନୂଆଭଜକୁ ତୋର ତୁନି କର । ଛି, ପିଲାଙ୍କ ପରି ଏମିତି ହେଲେ ଚଳିବ ?

ସରବା ମନକୁ ବୁଝାଇ ତୁନି ହେଲା । ଘର ଭିତରକୁ ଯାଇ ନୂଆଭଜର ପାଦ ତଳେ ପଡ଼ି ଦଣ୍ଡବତ କଲା ।

କଲ୍ୟାଣୀ ସରବାକୁ ଦେଖି ଭୋ ଭୋ କାନ୍ଦି ପକାଇଲା ।

— ସବୁତ ସରି ଯାଇଛି — କାନ୍ଦନା ନୂଆଭଜ, ଭାଇ ଆଉ ଫେରିବେ ନାହିଁ । ଆମ କପାଳରେ ଏହା ହିଁ ଲେଖାଅଛି ।

ସରବା କାମିଜ ଓଲ୍ଟାଇ ଝାଡ଼ିଲା । ଟ୍ରଙ୍କ୍‌ଟା ସାରା ଅଗଣାରେ ପଡ଼ି ଭାଙ୍ଗି ଚୂରମାର ହୋଇ ଯାଇଛି । ତାକୁ ଉଠାଇ ନୂଆକରି ରଖିବାକୁ ଦେଲା । ଅଣ୍ଟାରେ ଖୋସିଥିଲା ଟଙ୍କା ବିଡ଼ାଟା । ବାହାର କରି କଲ୍ୟାଣୀ ହାତକୁ ବଢ଼ାଇ ଦେଇ ଦେଇ ସରବା କହିଲା, ନୂଆଡ଼ୁ ଟଙ୍କା ଏତକ ରଖ । ଭାଇଙ୍କ ହାତରେ ତ ଦେଇ ପାରିଲି ନାହିଁ । କହୁ କହୁ ସରବା ଆଖିରୁ ଲୁହ ଗଡ଼ି ପଡ଼ିଲା ।

କଲ୍ୟାଣୀର ବ୍ୟଥାଭରା ଶୁଖିଲା ଆଖିରୁ ଝରି ପଡିଲା ଦୁ'ଟୋପା ଲୁହ । ଟଙ୍କା ତକ ହାତରେ ଧରୁ ଧରୁ କଲ୍ୟାଣୀ କହିଲା, ସରବା ! ସବୁ ତ ସରିଗଲା । ଏ ଟଙ୍କା କେତୋଟା ରଖି କ'ଣ ଆଉ କରିବ ? ପୋଡ଼ା ଜୀବନରେ ଆଉ କଣ ହେବ ଧନ ସମ୍ପଦ ?

ଆଖିରୁ ଲୁହ ପୋଛୁ କଲ୍ୟାଣୀ ବାକ୍ସ ଖୋଲି ଟଙ୍କାତକ ରଖିଲା । ସରବା ଭାଇ ମୁହଁରେ ଚିତାଗ୍ନି ଦେଲା ।

ଶ୍ମଶାନରେ ଧନୁର ଚିତା ଧୂ ଧୂ ହୋଇ ଜଳୁଛି । ସରବା ଚିତାଗ୍ନି ପାଖରେ ଗୋଟାଏ କଡ଼କୁ ବସିଛି । ଆଖି ଦୁଇଟିରୁ ତାର ଅନବରତ ଛୁଟିଛି ଧାରା ଶ୍ରାବଣ । ପିଲା ବେଳର କଥା । ସବୁ ତାର ମନେ ପଡ଼ୁଛି ଆଜି । ଏଇ ଭାଇ – କେତେ ସ୍ନେହ ଶ୍ରଦ୍ଧା ନ କରିଛି ତାକୁ । ମାଆକୁ ହରାଇଥିଲା । ମାଆ ଅଭାବରେ ଏମିତ ଦୁଃଖ ଏମିତ ବେଦନା ସେ ଅନୁଭବ କରି ନଥିଲା । ଆଜି କିନ୍ତୁ ଭାଇ ଅଭାବରେ ତାହା ହାଡ଼େ ହାଡ଼େ ଅନୁଭବ କରୁଛି ସରବା । ପ୍ରାଣର ଭାଇ, ସାରା ଜୀବନର ସୁଖ ଦୁଃଖରେ ଯିଏ ଭାଗି । ରୋଗ ଶୋକରେ ଯିଏ ଦରଦୀ । ସେ ଭାଇ ଆଜି ତା'ର ଚାଲିଗଲା । ସବୁ ମାୟା ମମତା ଏଡ଼ିଦେଇ ଚାଲିଗଲା । ହାୟରେ ଜୀବନ !

କ୍ଷଣକ ଭିତରେ ଦନୁର ଚିତା ଜଳି ଭସ୍ମ ହୋଇଗଲା ।

ସବବାର ଭାବନା ଭାଙ୍ଗିଲା ନାହିଁ । ଆଖିଲୁହ ଲୁଗା କାନିରେ ପୋଛି ପୋଛି ସବବା ଘରକୁ ଫେରିଲା । ଅବୁଝ ମନଟା ତା'ର ମୋଟେ ବୁଝିଲା ନାହିଁ । ଅନ୍ତର ଭିତରୁ କିଏ ଯେପରି ତାକୁ କହୁଛି, ସବବା । ଭୁଲି ଯାଅ ନାହିଁ କେହି ତା'ର ନାହିଁ ।

